

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୯ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 09 August 2024

Vol.No. 35 ■ No.214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପୁରୁଷ ହକିରେ ଭାରତକୁ ବ୍ରୋଞ୍ଜ

## କାନ୍ଦିଲେ, ଦଣ୍ଡବତ ହେଲେ, ବିଦାୟ ନେଲେ



ନୂଆଦିଲ୍ଲୀ, ୮/୮ : ପ୍ୟାରିସ ଅଲିମ୍ପିକ୍ସରେ ଇତିହାସକୁ ଦୋହରାଇଛି ଭାରତୀୟ ହକି ଟିମ। ଦୀର୍ଘ ୫୨ ବର୍ଷ ପରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛି। ୧୯୬୮ ଓ ୧୯୭୨ ପରେ ଭାରତ ବ୍ରୋଞ୍ଜ ଜିତିଥିଲା। ଏବେ ଟୋକିଓ(୨୦୨୦) ଓ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଟିମ ବ୍ରୋଞ୍ଜ ପଦକ ଜିତି ଇତିହାସକୁ ଦୋହରାଇଛି। ଆଜି ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତୀୟ ହକି ଟିମ ସ୍ପେନକୁ ରୋମାଞ୍ଚକର ଢଙ୍ଗରେ ୨-୧ରେ ହରାଇ ନିଜର ଦମ ଦେଖାଇଛି। ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ଅଧିନାୟକ ହରମନପ୍ରୀତ ସିଂହ ଦେଇଛନ୍ତି। ସ୍ପେନ ଆଜିର ମ୍ୟାଚ୍‌ରେ ଆଗୁଆ ରହିଥିଲେ ହେଁ ଶେଷରେ ବିନା ପଦକରେ ପ୍ୟାରିସରୁ ବିଦାୟ ନେଇଛି। ଭାରତ ଏହି ବିଜୟ ସହ ଭେଟରାନ ଗୋଲକିପର ପିଆର ଶ୍ରୀଜେଶଙ୍କୁ ବିଦାୟ ଜଣାଇଛି। ପିଆର ଶ୍ରୀଜେଶ ଅଲିମ୍ପିକ୍ସ ପରେ ବିଦାୟ ନେବେ ବୋଲି ଘୋଷଣା କରିଥିଲେ। ଏବେ ସେ ଅଲିମ୍ପିକ୍ସ ପଦକ ସହ ନିଜର ପ୍ରିୟ ଖେଳ ହକିକୁ ଅଲବିଦା କହିଛନ୍ତି। ଟୋକିଓରେ ମଧ୍ୟ ପିଆର ଶ୍ରୀଜେଶ ଭାରତର ଗୋଲକିପର ରହିଥିଲେ। ଏହି ସମୟରେ ଭାରତ ଜର୍ମାନୀକୁ ହରାଇ ବ୍ରୋଞ୍ଜ ଜିତିଥିଲା। ଏବେ ଶ୍ରୀଜେଶଙ୍କ ଶେଷ ଅଲିମ୍ପିକ୍ସରେ ମଧ୍ୟ ଭାରତ ବ୍ରୋଞ୍ଜ ଜିତିଛି। ଟୋକିଓ ଭଳି ଆଜି ବ୍ରୋଞ୍ଜ ଜିତିବା ପରେ ମଧ୍ୟ ପିଆର ଶ୍ରୀଜେଶ ଗୋଲପୋଷ୍ଟ ଉପରେ ବସି ସେଲିବ୍ରେସନ କରିଛନ୍ତି। ତାଙ୍କୁ ଅଧିନାୟକ ହରମନପ୍ରୀତ ମଧ୍ୟ କାନ୍ଧରେ ବସାଇ ବୁଲାଇଛନ୍ତି। ଭାରତୀୟ ହକି ସହ ଶ୍ରୀଜେଶ ଦୀର୍ଘ ୧୮ ବର୍ଷ ହେଲା ରହି ଆସିଥିଲେ। ସେ ଇତି ମଧ୍ୟରେ ୩୩୫ଟି ମ୍ୟାଚ ଖେଳିଥିବା ବେଳେ ଅସଂଖ୍ୟ ଗୋଲ ସେଭ କରିଛନ୍ତି। ଭାରତୀୟ ଟିମର ଦ ୱାଲ ଭାବେ ପରିଚିତ ଶ୍ରୀଜେଶ ୨ଟି ଅଲିମ୍ପିକ୍ସ ପଦକ ମଧ୍ୟ ଜିତିବାକୁ ସକ୍ଷମ ହୋଇଛନ୍ତି। ଆଜିର ମ୍ୟାଚ୍ ବେଶ ସଂଘର୍ଷପୂର୍ଣ୍ଣ ଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳର ଶକ୍ତି ଓ ରଣନୀତିକୁ ତଉଲାଇଥିଲେ। ପରସ୍ପରକୁ ଉପରେ ଦେଖି ଚାହିଁ ଆକ୍ରମଣ କରିଥିଲେ। ଭାରତ ପାଖରେ ଅଧିକାଂଶ ସମୟ ବଲ ରହିଥିଲା। ▶▶ପୃଷ୍ଠା ୭

# ନାଫେଡ୍ ଯୋଗାଇବ ଆଳୁ: ଖାଉଟିଙ୍କୁ କିଲୋ ୩୦ଟଙ୍କାରେ ମିଳିବ



ଭୁବନେଶ୍ୱର, ୮/୮ (ନି.ପ୍ର): ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ଆଜି ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି । ନାଫେଡ୍ ମାଧ୍ୟମରେ ରାଜ୍ୟ ସରକାର ଆଳୁ କିଣିବେ ଓ ଖାଉଟିଙ୍କୁ ଏଣିକି ଆଳୁ ୩୦ଟଙ୍କା ଦରରେ ଯୋଗାଇ ଦିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି । ରାଜ୍ୟରେ ଆଳୁ ସଙ୍କଟକୁ ନେଇ ଖାଉଟିଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନାଫେଡ୍ ମାଧ୍ୟମରେ ଆଳୁ ଆଣିବାକୁ ନିଷତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ୩ଶହ ମେଟ୍ରିକ ଟନ୍ ଆଳୁ ପାଇଁ ନାଫେଡକୁ ମଧ୍ୟ ଅର୍ଡର ଦିଆଯାଇଛି । ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଏହି ଆଳୁ ଅଣାଯିବ । ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ▶▶ପୃଷ୍ଠା ୭

# ମହାପ୍ରଭୁଙ୍କ ମୂଲ୍ୟବାନ ଖଣି ଖାଇଗଲେ: ୧୯ ଲିଜଧାରୀଙ୍କୁ ନୋଟିସ୍



ଭୁବନେଶ୍ୱର, ୮/୮ (ନି.ପ୍ର): କୋଟି ଓଡ଼ିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂଲ୍ୟବାନ ଖଣି ଖାଇଗଲେ ମାଫିଆ। ଉତ୍ତୋଳନ ପାଇଁ ଯେତିକି ଅନୁମତି ନେଇଥିଲେ, ତା'ଠାରୁ ଢ଼ର ଗୁଣା ପଥର ତାଡ଼ି ବିକିଦେଲେ। ଏଭଳି ମହାଲୁଟ୍ ଧରାପଡ଼ିବା ପରେ, ୧୯ ଜଣ ଖଣି ଲିଜଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଯେଉଁଥିରେ ୧୫ଦିନ ଭିତରେ ରୟାଲିଟି ସହ ଆନୁସଙ୍ଗିକ ଦେୟ ଓ ଫାଇନ ଜମା କରିବାକୁ କଡ଼ା ନିର୍ଦ୍ଦେଶ ରହିଛି। ନୋଟିସ୍ ହୋଇଥିବା ଜଣେ ଲିଜଧାରୀ ହେଉଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗର ଦେବେନ୍ଦ୍ର ନାଥ ଜେନା। ତାଙ୍କୁ ୨୦୨୨-୨୩ ମସିହାରେ ୩୦, ୦୦୦ କ୍ୟୁବିକ ମିଟରର ପଥର ଖନନ ପାଇଁ ଅନୁମତି ମିଳିଥିଲା। ହେଲେ ସେ ତା'ଠୁ ଢେର ଅଧିକ ପରିମାଣର ଅର୍ଥାତ୍ ୧୨ ଲକ୍ଷ ୨୮ ହଜାର ୫୭ କ୍ୟୁବିକ ମିଟର ଖଣିଜ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ତେଣୁ ରୟାଲିଟି ଓ ପେନାଲଟି ବାବଦକୁ ମିଶାଇ ମୋଟ୍ ୧କୋଟି ୮୪ଲକ୍ଷ ଟଙ୍କା ଦାଖଲ କରିବା ପାଇଁ ତାଙ୍କୁ ଚିଠି ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଦେବେନ୍ଦ୍ରଙ୍କ ଭଳି ଖୋର୍ଦ୍ଧା ଜିଲ୍ଲାର କାଇପଦର, ତାପଙ୍ଗ, ଶଙ୍ଖାରି, ତାଳଛୁଆ, ▶▶ପୃଷ୍ଠା ୭

# ୧୧୦ କେଜି ଗଞ୍ଜେଇ ଜବତ: ୨ ଗିରଫ

ବାଲେଶ୍ୱର, ୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଅଞ୍ଚଳରୁ ଅବକାରୀ ବିଭାଗ ଅଧିକାରୀମାନେ ୧୧୦ କେଜି ଗଞ୍ଜେଇ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛନ୍ତି।ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ଗୁଣନିଧି ବିନ୍ଧାଣି ଓ ଅଶୋକ କୁମାର ନାୟକ। ଗୁଣନିଧି ବିନ୍ଧାଣିଙ୍କ ଘରୁ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ। ଗୁଣନିଧି ବସ୍ତାରେ ଗଞ୍ଜେଇ ଆଣି ଅନ୍ୟ ବେପାରୀମାନଙ୍କୁ ଯୋଗାଉଥିଲା ବୋଲି କହିଛନ୍ତି ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ି। ବାଲେଶ୍ୱର ଅବକାରୀ ଟିମ୍, ଗୋପାଳପୁର ଅବକାରୀ ଟିମ୍, ନୀଳଗିରି ଅବକାରୀ ଟିମ୍ ଓ ମୋବାଇଲ ଟିମର ମିଳିତ ସହଯୋଗରେ ଏହି ଚଢ଼ାଉ ହୋଇଥିଲା। ଏନେଇ ଘଟଣାର ଅଧିକ ତଦନ୍ତ କରୁଛି ଅବକାରୀ ବିଭାଗ।

# ଆହୁରି ୫ରୁ ୭ ଦିନ ରାଜ୍ୟରେ ଲାଗି ରହିପାରେ ବର୍ଷା

ଭୁବନେଶ୍ୱର, ୮/୮ (ନି.ପ୍ର): ଆହୁରି ୫ରୁ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା। ତେବେ ବର୍ଷାର ପରିମାଣ କମ୍ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏବେ ପଶ୍ଚିମ ଝାଡ଼ଖଣ୍ଡ ଓ ପାଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ମୌସୁମୀ ଟ୍ରଫ୍ ଲାଇନ ସକ୍ରିୟ ରହିଛି। ଏହା ପ୍ରଭାବରେ ଆଗାମୀ ୫ ଦିନଯାଏଁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ତେବେ ଆଗାମୀ ୪୮ ଘଣ୍ଟା କାଁ ଭାଁ ସ୍ଥାନରେ ପ୍ରବଳ ବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟାରେ ୯ଟି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲା ଗୁଡ଼ିକ ହେଲା ସୁନ୍ଦରଗଡ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା। ସେହିପରି ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

# ବାଂଲାଦେଶରୁ ଅନୁପ୍ରବେଶ ଭୟ: ସମୁଦ୍ର ଉପରେ ତୀକ୍ଷ୍ଣ ନଜର



ଭୁବନେଶ୍ୱର, ୮/୮ (ନି.ପ୍ର): ଅଶାନ୍ତ ବାଂଲାଦେଶରୁ ଅନୁପ୍ରବେଶକାରୀ ସମୁଦ୍ର ପଥରେ ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଆଗୁଆ ସତର୍କ ହୋଇଛି ଓଡ଼ିଶା ସରକାର। ଅନୁପ୍ରବେଶକୁ ରୋକିବା ପାଇଁ ସମୁଦ୍ର କୂଳିଆ ଥାନା ଗୁଡ଼ିକୁ ସତର୍କ କରାଯାଇଛି। ଏଥିସହ ସମୁଦ୍ରରେ ଘନଘନ ପାଟ୍ରୋଲିଂ କରାଯାଉଛି ବୋଲି ପୁଲିସ୍ ଡିଜି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି, ବଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ତେଣୁ ସେଠାରୁ ଅନୁପ୍ରବେଶକାରୀ ଓଡ଼ିଶା ଆସିବାର ସମ୍ଭାବନା ରହିଛି। ସେଥିପାଇଁ ରାଜ୍ୟର ସବୁ ସମୁଦ୍ର କୂଳିଆ ଜିଲ୍ଲାରେ ଥିବା ୧୮ ଥାନାକୁ ସତର୍କ କରାଯାଇଛି। ତେବେ ବିଶେଷକରି ସମୁଦ୍ର ପଥରେ ବାଂଲାଦେଶରୁ ପାଖ ପଡୁଥିବା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ୯ଟି ସାମୁଦ୍ରିକ ▶▶ପୃଷ୍ଠା ୭

# ନମ୍ବର ଟିପିଲେ ମେଶିନ୍‌ରୁ ବାହାରୁଛି ଚାଉଳ



ଭୁବନେଶ୍ୱର, ୮/୮ (ନି.ପ୍ର): ରାସନ୍‌କାର୍ଡ ହିତାଧିକାରୀଙ୍କ ଦୁଃଖ ଗଲା। ଆଉ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବନି। ରାସନ୍ କାର୍ଡ ନମ୍ବର ଡାଏଲ୍ କଲେ ମେଶିନ୍‌ରୁ ଖଣ ଖଣ କରି ବାହାରୁଛି ଚାଉଳ। ଆଜି ରାଜଧାନୀ ଭୁବନେଶ୍ୱରରେ ଲୋକାର୍ପିତ ହୋଇଛି ରାଜ୍ୟର ପ୍ରଥମ ଚାଉଳ ଏଟିଏମ୍। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି। ଭୁବନେଶ୍ୱର ମଞ୍ଚେଶ୍ୱରରେ ଥିବା ଚାଉଳ ଗୋଦାମରେ ଖୋଲିଛି ଚାଉଳ ଏଟିଏମ। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଚାଉଳ ଏଟିଏମ୍ ଲୋକାର୍ପିତ କରିଛନ୍ତି। ପ୍ରଥମ ଦିନରେ ବହୁ ହିତାଧିକାରୀ ଏଟିଏମ୍‌ରେ କାର୍ଡ ନମ୍ବର ଡାଏଲ୍ କରି ଚାଉଳ ଉଠାଇଥିବା ଦେଖିବାକୁ ମିଳିଛି। ଏହି ଯୋଜନା ସଫଳ ହେଲେ ପରବର୍ତ୍ତୀ ସମୟରେ ସବୁ ଜିଲ୍ଲା ଓ ବ୍ଲକରେ ଏହି ଚାଉଳ ଏଟିଏମ ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ଖୋଲିବନି ନୂଆ ମଦ ଦୋକାନ: ଚୋରା ମଦ କାରବାର ବି ବନ୍ଦ ହେବ



ଭୁବନେଶ୍ୱର, ୮/୮ (ନି.ପ୍ର): 'ରାଜ୍ୟରେ ଆଉ ଖୋଲିବନି ନୂଆ ମଦ ଦୋକାନ । ଏଥିସହ ଚୋରା ମଦ କାରବାର ବି ସମ୍ପୂର୍ଣ୍ଣ ବନ୍ଦ ହେବ । ଏଥିପାଇଁ ଅବକାରୀ ନୀତିରେ ଆମୁଳଚୁଳ ପରିବର୍ତ୍ତନ କରାଯିବା ସହ ତାହାକୁ ଆହୁରି କଡ଼ାକଡ଼ି କରାଯିବ ।' ଆଜି ଏପରି ମନ୍ତବ୍ୟ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଜି ଗଣମାଧ୍ୟମ ସହ ଆଲୋଚନା ବେଳେ ଆଇନ୍ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆଉ ନୂଆ ମଦ ଦୋକାନ ଖୋଲିବନି । ଯେଉଁ ମଦନୀତି ଥିଲା ତାହାକୁ ସାବଲୀଳ କରାଯିବ । ବର୍ତ୍ତମାନ ପ୍ରଚଳିତ ମଦ ନୀତିରେ ଥିବା ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରାଯିବା ଦିଗରେ ପ୍ରଚେଷ୍ଟା କରାଯାଉଛି । ଏଥିସହ ସେ କହିଛନ୍ତି, ଏହି ନିୟମ ଅନ୍ତରୀଣ ଭାବେ ୭ ମାସ ପାଇଁ ଲାଗୁ କରାଯାଉଛି। ଆସନ୍ତା ବର୍ଷରେ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଅବକାରୀ ନୀତି ପ୍ରଣୟନ କରାଯିବ ସେଥିରେ ଆମୁଳଚୁଳ ପରିବର୍ତ୍ତନ କରାଯିବ । ରାଜ୍ୟରେ ଚୋରା ମଦ କାରବାର ସବୁବେଳେ ମୁଣ୍ଡ ବିନ୍ଧାର କାରଣ ପାଲଟୁଛି। ତେଣୁ ଚୋରାମଦ ବିକ୍ରି ବନ୍ଦ କରିବା ଆମ ସମ୍ମୁଖରେ ଏକ ଚ୍ୟାଲେଞ୍ଜ ବୋଲି କହିଛନ୍ତି ମନ୍ତ୍ରୀ । ତେଣୁ ଆସନ୍ତା ବର୍ଷ ଲାଗୁ ହେବାକୁ ଥିବା ଅବକାରୀ ନିୟମରେ ଅବକାରୀ ନୀତିକୁ ଆହୁରି କଡ଼ାକଡ଼ି କରାଯିବ । ନୂଆ ମଦ ନୀତିରେ ଓଡ଼ିଶାରେ ଚୋରା ମଦ ସଂପୂର୍ଣ୍ଣ ବନ୍ଦ ହେବ । ରାଜ୍ୟରେ ଯେପରି ଆଉ ଚୋରା ମଦ ନ ହୋଇ ପାରିବ ସେ ଦିଗରେ ତୀକ୍ଷଣ ଦୃଷ୍ଟି ଦିଆଯିବା ସହ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ।

# ଲୋକସଭାରେ ଆଗତ ହେଲା ୱାକଅଫ୍ ବୋର୍ଡ ସଂଶୋଧନ ବିଲ୍



ନୂଆଦିଲ୍ଲୀ, ୮/୮ : ବିରୋଧ ସତ୍ତ୍ୱେ ଲୋକସଭାରେ ୱାକଅଫ୍ ସଂଶୋଧନ ବିଲ୍ ଆଗତ ହୋଇଛି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଗୃହରେ ବିଲ୍ ଆଗତ କରିବାକୁ ଅନୁମତି ମାଗିବା ପରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିବା ଆରମ୍ଭ କରିଥିଲେ। ଏହା ସମ୍ବିଧାନ, ସଂଘୀୟ ବ୍ୟବସ୍ଥା ଏବଂ ସଂଖ୍ୟାଲଘୁଙ୍କ ବିରୋଧରେ ଆକ୍ରମଣ ବୋଲି ବିରୋଧୀ ଦଳମାନେ କହିଛନ୍ତି। କଂଗ୍ରେସ ସାଂସଦ କେସି ବେଣୁଗୋପାଳ କହିଛନ୍ତି ଯେ ଏହି ବିଲ୍ ସମ୍ବିଧାନ ଉପରେ ଆକ୍ରମଣ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟାରେ ମନ୍ଦିର ବୋର୍ଡ ଗଠନ ହୋଇଥିଲା। ଜଣେ ଅଣହିନ୍ଦୁ ଏହାର ସଦସ୍ୟ ହୋଇପାରିବେ କି ? ତା'ହେଲେ ୱାକଫ୍ କାଉନସିଲରେ ଅଣମୁସଲମାନ ସଦସ୍ୟଙ୍କ କଥା କାହିଁକି ହେଉଛି ? ବେଣୁଗୋପାଳ ଦାବି କରିଛନ୍ତି ଯେ ଏହି ବିଲ୍ ଆସ୍ଥା ଏବଂ ଧର୍ମ ଅଧିକାର ଉପରେ ଆକ୍ରମଣ। ମହାରାଷ୍ଟ୍ର, ହରିୟାଣା ଏବଂ ଝାଡ଼ଖଣ୍ଡ ନିର୍ବାଚନ ପାଇଁ ଏହି ବିଲ୍ ଅଣାଯାଇଛି, କିନ୍ତୁ ଦେଶର ଜନତା ଆଉ ଏଭଳି ବିଭାଜନକାରୀ ରାଜନୀତିକୁ ପସନ୍ଦ କରୁନାହାନ୍ତି ବୋଲି କଂଗ୍ରେସ ସାଂସଦ ଅଭିଯୋଗ କରିଛନ୍ତି। ସେପଟେ ହାଇଦ୍ରାବାଦ ସାଂସଦ ମଧ୍ୟ ଏହା ନ୍ୟାୟିକ ସ୍ୱାଧୀନତା, କ୍ଷମତା ଦମନ ନୀତିର ଉଲ୍ଲଂଘନ କରୁଛି। କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଭୋଟ୍ ବ୍ୟାଙ୍କ କାରଣରୁ ବିରୋଧୀ ମାନେ ଏହି ବିଲକୁ ▶▶ପୃଷ୍ଠା ୭

# ହିମାଚଳରେ ପୁଣି ବାଦଲ ଫଟା ବର୍ଷା: ୧୩ ମୃତ

ନୂଆଦିଲ୍ଲୀ, ୮/୮ : ପୁଣି ଦାଉ ସାଧିଲା ପ୍ରକୃତି। ହିମାଚଳ ପ୍ରଦେଶରେ ପୁଣି ଥରେ ପ୍ରକୃତି ତାଣ୍ଡବ ରଚିଛି। ବଦଲଫଟା ବର୍ଷା ଯୋଗୁ ଏଠାରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ନିଖୋଜ ହୋଇଥିବା ସୂଚନା ମିଳିଛି। ବୁଧବାର ବିଳମ୍ବିତ ରାତିରେ ହିମାଚଳ ପ୍ରଦେଶର ଶ୍ରୀଖଣ୍ଡ ନିକଟରେ ବାଦଲଫଟା ବର୍ଷା ହୋଇଛି। ସମେଜ ଓ ବେଗି ବ୍ରିଜ୍ ନିକଟରେ ପ୍ରବଳ ବର୍ଷା ଯୋଗୁ ପାଖାପାଖି ୪୫ରୁ ଅଧିକ ଲୋକ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନେକ ଏବେବି ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଏନ୍‌ଡିଆରଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ) ର ୧୪ ତମ ବାଟାଲିୟନ କମାଣ୍ଡାଣ୍ଟ ବଲଜିନ୍ଦର ସିଂହ କହିଛନ୍ତି ଯେ, ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର ▶▶ପୃଷ୍ଠା ୭

# ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ଦେବୋତ୍ତର ଜମି: ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ

ଭୁବନ, ୦୮/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ତହସିଲ ଅଧିନରେ ବ୍ୟାପକ ଦେବୋତର ଜମି ଥିବା ବେଳେ ଅଧିକାରୀଙ୍କ ଦୁର୍ନୀତି,ପ୍ରୀୟପ୍ରିତି ଓ ବଟିଖିଆ ନୀତି ଯୋଗୁଁ ଅଧିକାଂଶ ଜମି ପ୍ରଭାବଶାଳୀ ବ୍ୟକ୍ତି ଓ ଶିଳ୍ପପତିଙ୍କ କବଜାରେ ରହିଥିବା ଅଭିଯୋଗ ହୋଇଛି । ଭୁବନ ଟୋଲଙ୍କବେରେଣି ମୌଜାର ଅଧିବାସୀ ଦେବେନ୍ଦ୍ର ପୃଷ୍ଟି,ବିନୋଦିନୀ ସାହୁ, ଝରଣା ପୋଥାଳ,ସବିତା ବେହେରା, ପୁରୁଷୋତମ ବେହେରା, ପ୍ରଦୀପ ପୃଷ୍ଟି,ଗୌରାଙ୍ଗ ବିହାରୀ, କୈଳାଶ ଚନ୍ଦ୍ର ସାହୁ, ସନ୍ତୋଷ ବିହାରୀ,ଶକ୍ତି କାନ୍ତ ନନ୍ଦ,ରଘୁନାଥ ବେହେରା, ଚିନ୍ମୟ ରାଉତ, ବିକାଶ ବନ, ଟିକି ବନ, ହିମେଶ ସାହୁ ପ୍ରମୁଖ ଢେଙ୍କାନାଳ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟପତି ଙ୍କ ନିକଟକୁ ପ୍ରେରଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭୁବନ ତହସିଲ ଅନ୍ତର୍ଗତ ଟୋଲଙ୍କ ବେରେଣି ମୌଜା ଖାତା ନମ୍ବର ୨୨୩ ରେ ଶ୍ରୀ ଶ୍ରୀ ମଦନ ମୋହନ ଜିୟୁ ବିଜେ , ପୃଷ୍ଟି ପାଟଣା , ସେବାୟତ ଓଡ଼ିଶା ସରକାର, ମାର୍ଫତ ଦେବୋତର ଅଧିକାରୀ, ଢେଙ୍କାନାଳଙ୍କ ନାମରେ ସମୁଦାୟ ୪୫ ଟି ପ୍ଲଟ ରେ ମୋଟ ୬ ଏକର ୮୪୩୦ ଡେସିମିଲ ଜମି ରହିଛି । ଏହି ଜମି ମଧ୍ୟରୁ ସିଂହଭାଗ ଜମି ଜନୈକ ପ୍ରଭାବଶାଳୀ ,ଶିଳ୍ପପତି ( କୋଟିପତି ) ବ୍ୟକ୍ତିଙ୍କ କବଜାରେ ରହିଛି ସଂପୃକ୍ତ ବ୍ୟକ୍ତି ଜଣକ ଜିଲ୍ଲା ଦେବୋତର ଅଧିକାରୀଙ୍କୁ କରାୟତ କରି କୌଶଳ କ୍ରମେ ଖାତା ନମ୍ବର ୨୨୩ରୁ ୬ ଟି ପ୍ଲଟର ମୋଟ ୧ ଏକର ୪୫୯ ଡେସିମିଲ ଜମି ନିଜ ପରିବାର ବ୍ୟକ୍ତିଙ୍କ ନାମରେ ପଟ୍ଟା କରିନେଇଛନ୍ତି । ଖାତା ନମ୍ବର ୨୨୩ ର ଅନ୍ୟ ପ୍ଲଟ/ ଜମିରେ ଦୀର୍ଘଦିନ ହେଲା ବସବାସ କରୁଥିବା ବ୍ୟକ୍ତି ଙ୍କ ଜାଗା ଉପରକୁ ଉଦ୍ଦେଶ୍ୟ ମୂଳକ ଭାବେ ମଇଳା ପାଣି ଛାଡିବା, ମାଡ଼ ମାରିବା, ଅଳିଆ ଆବର୍ଜନା ପକାଇ ଏହି ଜାଗା ଛାଡି ଦେବାକୁ ଧମକ ଦେଉଛନ୍ତି । ଦେବୋତର ଅଧିକାରୀଙ୍କ ନିକଟରେ ଚୁଗୁଲାମୀ କରି ବାରମ୍ବାର ଉଚ୍ଛେଦ ନୋଟିସ ଲଗାଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଜିଲ୍ଲା ଦେବୋତର ଅଧିକାରୀ ଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ୱେ ସେ ମହାଶୟ କୌଣସି ପ୍ରତିକାର / ପଦକ୍ଷେପ ନେଉନାହାନ୍ତି । ପଂଚାୟତିରାଜ ଓ ଗ୍ରାମୀଣ ଜଳ ଯୋଗାଣ ବିଭାଗ ଅଣ୍ଡର ସେକ୍ରେଟାରୀ ବସନ୍ତ କୁମାର ସିଂହ, ଢେଙ୍କାନାଳ ଜିଲ୍ଲା ଉନ୍ନୟନ ଅଧିକାରୀ/ପ୍ରକଳ୍ପ ନିର୍ଦ୍ଦେଶକ ଙ୍କୁ ଚିଠି ନଂ ୧୪୩୫୮ ଟା ୩.୭.୨୦୨୪ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନାରେ ଦେବୋତର ଜମି ହିତାଧିକାରୀଙ୍କୁ ସାମିଲ କରିବାକୁ ଜଣାଇଥିଲା ବେଳେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ବଦଳରେ ଚିଠି ନଂ ୧୬୬୨, ୧୬୬୫, ୧୬୬୮, ୧୬୭୧ ରେ ମନ ଗଢା ମିଛ କାରଣ ଦର୍ଶାଇ ତା ୨୪.୭.୨୦୨୪ ରେ ଉପରୋକ୍ତ ବ୍ୟକ୍ତି ମାନଙ୍କୁ ଜୁଲାଇ ୩୦ ତାରିଖ ସୁଦ୍ଧା ସେମାନଙ୍କ ଜାଗା ଛାଡି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଭାବଶାଳୀ ବ୍ୟକ୍ତି ଙ୍କ ନାମରେ ଗୋଟେ ଏକର ରୁ ଉର୍ଦ୍ଧ୍ୱ ଜମି ପଟ୍ଟା କରାଯାଇଥିବା ବେଳେ ଗରିବ,ଅସହାୟ, ନିସହାୟ ବ୍ୟକ୍ତିଙ୍କ ନାମରେ ଗୁଣ୍ଠିକିଆ ପଟ୍ଟା ଦିଆଯାଉନାହିଁ। ଫଳରେ ଏନେଇ ବିବାଦ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । ବର୍ଷ ବର୍ଷ ଧରି ସଞ୍ଜା/ ପାଉତି ଦେଉଥିବା ଉପରୋକ୍ତ ବ୍ୟକ୍ତିମାନେ ବଜାର ଦର ଅନୁଯାୟୀ ପାଉଣା ଦେଇ ନିଜ ନାମରେ ଜମି ପଟ୍ଟା କରିବାକୁ ଚାହୁଁଥିବା ବେଳେ ଦେବୋତର ଅଧିକାରୀ କରାଇ ନଦେଇ ଜାଗା ଛାଡି ଦେବାକୁ ତାଗିଦ୍ କରୁଛନ୍ତି । ଏହି ବ୍ୟକ୍ତିମାନେ ଜାଗା ଛାଡି ଦେଲେ ଦେବୋତର ଅଧିକାରୀ ସେହି ଜାଗାକୁ ସଂପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ଙ୍କ ନାମରେ କରିଦେବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି । ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ ନକଲେ ଏହାକୁ ନେଇ ଭୁବନ ରେ ଜନ ଆନ୍ଦୋଳନ ହେବାର ଆଶଙ୍କା ରହିଛି ।

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ୱାଟକୋ କାର୍ଯ୍ୟକଳାପ ସମୀକ୍ଷା

ଭୁବନେଶ୍ୱର, ୦୮/୦୮ (ନି.ପ୍ର): ଓଡ଼ିଶା ଜଳ ନିଗମ (ୱାଟକୋ)ର କାର୍ଯ୍ୟକଳାପ ଓ ଅଗ୍ରଗତି ଆକଳନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗଭୀର ସମୀକ୍ଷା ବୈଠକ କରିଥିଲେ । ଜନସାଧାରଣଙ୍କୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଏବଂ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ପାଇଁ ନିଗମର ପ୍ରତିବଦ୍ଧତା ଉପରେ ଏହି ଅଧିବେଶନରେ ଗୁରୁତ୍ୱାରୋପ କରାଯାଇଥିଲା । ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏକ ମୌଳିକ ଆବଶ୍ୟକତା ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଗୁରୁତ୍ୱ ଉପରେ ଡ. ମହାପାତ୍ର ଆଲୋକପାତ କରିଥିଲେ । ସମୟସୀମା ପୂରଣ କରିବା ଏବଂ ବଢୁଥିବା ଜଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚାଲିଥିବା ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସେ ୱାଟକୋକୁ ନିର୍ଦ୍ଦେଶ ଦେଇଛନ୍ତି । ନାଗରିକ ସମସ୍ୟାର ତୁରନ୍ତ ଓ ଫଳପ୍ରଦ ସମାଧାନ ସୁନିଶ୍ଚିତ କରିବା ପାଇଁ ୱାଟକୋ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ସହାନୁଭୂତି ଏବଂ ଉଲରଦାୟିତ୍ୱ ସହିତ ଗ୍ରହଣ କରିବା ର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ସମୟରେ ୱାଟକୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ ନିଗମର ସଫଳତା, ସଫଳତା ଓ ସାମ୍ପ୍ରତିକ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଶ୍ରୀ ସ୍ୱାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ସମଗ୍ର ଓଡ଼ିଶାରେ ଜଳ ଯୋଗାଣ ଭିତିଭୂମି କୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପାଇପଲାଇନରେ ଥିବା ଭବିଷ୍ୟତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଆଲୋଚନାରେ ପାନୀୟ ଜଳ ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତି ଉପରେ ଗଭୀର ଆଲୋଚନା କରାଯିବା ସହ ଜଳର ଗୁଣବତା ଓ ବଂଟନରେ ଉନ୍ନତି ଆଣିବା ପାଇଁ ୱାଟକୋ ପକ୍ଷରୁ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା । ଭବିଷ୍ୟତ ଯୋଜନାରେ ରାଜ୍ୟ ପାଇଁ ଏକ ସୁଦୃଢ଼ ଏବଂ ସ୍ଥାୟୀ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅଭିନବ ସମାଧାନ ଏବଂ ରଣନୀତିକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ଖାରବେଳ ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସାଧାରଣ ଉଦ୍ୟୋଗ ବିଭାଗର କମିଶନର ଟି.ଆଓ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ, ସାଧାରଣ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୋକିଳ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୦୮/୦୮ (ନି.ପ୍ର): ପଟ୍ଟାମୁଣ୍ଡାଇ ଧୋୟା ଅଂଚଳର ବିଶିଷ୍ଟ ସମାଜ ସେବିକା ଧର୍ମପ୍ରାଣା ମହିୟସୀ ମହିଳା କୋକିଳ ବିଶ୍ୱାଳଙ୍କ ଆଧ୍ୟାତ୍ମିକ ଜଗତକୁ ବଳିଷ୍ଠ ଅବଦାନ ଚୀରକାଳ ଅବିସ୍ମରଣୀୟ ହୋଇରହିବ ବୋଲି ପଟ୍ଟାମୁଣ୍ଡାଇ ଧୋୟା ଅଂଚଳର ଯୁବ ସମାଜସେବୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ମଝିଆଁ ମା କୋକିଳ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି ଓ ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ,ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ,ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ନାରଦ ବିଶ୍ୱାଳ, ଅଳପୁଆ ସରପଂ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ,ତରଡିପାଳ ସରପଂଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ପେଣ୍ଡପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ସମାଜ ସେବୀ ସୁନାକର ବେହେରା, ଜ୍ୟୋସ୍ନାରାଣୀ ଜେନା,ପ୍ରିୟ ଦର୍ଶିନି ନନ୍ଦ, ବିକ୍ରମ ରାଉତରାୟ, ଅଭିମନ୍ୟୁ ଗୋଚ୍ଛାୟତ, ସୁରତ୍ ସେଠୀ, ସତ୍ୟ ପ୍ରକାଶ ସାମଲ,ଅମିୟ ଜେନା, ଅଜିତ୍ ନାୟକ,କୁଳମଣି ମଲିକ, ନଳିନୀକାନ୍ତ ବିଶ୍ୱାଳ, ଶଶାଙ୍କ ଓଝା, ଦୟାନିଧି ବଳ, ନିହାର ନାହାନ୍ତି, ମନୋରଞ୍ଜନ ସାମଲ,ସୁଶାନ୍ତ ବାରିକ୍, ଉମାକାନ୍ତ ନାୟକ, ବିଚିତ୍ର ପ୍ରଧାନ, ବିଶ୍ୱ ପଣ୍ଡା, ପେଣ୍ଡପାଳ ସମବାୟ ସମିତିର ସଭାପତି ଧନେଶ୍ୱର ପ୍ରଧାନ, ପୂର୍ବତନ ସଭାପତି ଶ୍ରୀକାନ୍ତ ସାମଲ, ସାମାଜିକ କର୍ମୀ ଗଗନ ମହାଳିକ, ରବୀନ୍ଦ୍ର ପରିଡା, ବବୃବାହାନ ଧଳ,ଅଳପୁଆ ପୂର୍ବତନ ସରପଂଚ କିଶୋର ବେହେରା, ରମେଶ ଦାସ, ସରପଂଚ ପ୍ରତନିଧି ରବୀନ୍ଦ୍ର ଧଳ, ,ଜାନକୀ ବିଶ୍ୱାଳ, ଶିକ୍ଷାବିତ କାର୍ତ୍ତିକ ରାଉତ, ବସୁଦେବ ବିଶ୍ୱାଳ,କବି ନୃସିଂହ ରାଉତ ପ୍ରମୁଖ ଭାଷଣ ଦେଇ ଧୋୟା ଅଂଚଳର ମା ଭାବେ ପରିଚିତ କୋକିଳ ଦେବୀ ବିଭିନ୍ନ ସାମାଜିକ, ସାଂସ୍କୃତିକ ବିଶେଷ କରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଏକ ନିଆରା ପରିଚୟ ସୃଷ୍ଟି କରିବା ସହିତ ବିଭିନ୍ନ ସମୟରେ ଗରିବ ଲୋକଙ୍କୁ ସହାୟତା କରି ନିଜ ମହନୀୟତାର ପରିଚୟ ଦେଇଥିଲେ ବୋଲି ପ୍ରକାଶ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେଓ ଏହି କାର୍ଯ୍ୟକ୍ରମରେ ଜେଷ୍ଠ ପୁତ୍ର କେଦାରନାଥ ବିଶ୍ୱାଳ ସଂଗୀତାଞ୍ଜଳୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ,ଡମ୍ବରୁଧର ବିଶ୍ୱାଳ,ଅଦୈତ ରାଉତ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତା ବିଶ୍ୱାଳଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ଶେଷରେ କନିଷ୍ଠ ପୁତ୍ର ପ୍ରଦୀପ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଗଣେଶ ଚନ୍ଦ୍ର ଧଳ,ବୀରବର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ,ରାଖାଲ ବିଶ୍ୱାଳ , ନିରାକାର ବିଶ୍ୱାଳ,ଦିବ୍ୟରଞ୍ଜନ ବିଶ୍ୱାଳ ପରିଚାଳନା କରିଥିଲେ ।

# ଜଳମଗ୍ନ ଚାଷଜମି ପରିଦର୍ଶନ ଓ ଚାଷୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୦୮/୦୮ (ନି.ପ୍ର): କେନ୍ଦ୍ରାପଡ଼ା ସହର ସଂଲଗ୍ନ ଦୈତାରୀ-ପାରାଦ୍ୱୀପ ଜାତୀୟ ରାଜପଥର ଶ୍ୟାମସୁନ୍ଦରପୁର ଗଡ଼ା ଛକ ନିକଟରୁ ହଜାରୀ ଛକ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ଦିନ ହେବ ବର୍ଷାଜଳ ଜମି ରହିଛି । ପ୍ରାୟ ୧୦ ହାଜର ଏକରରୁ ଅଧିକ ଜମିରେ ଦୀର୍ଘଦିନ ହେଲା ପାଣି ଜମି ରହିଥିବାରୁ ଶ୍ୟାମସୁନ୍ଦରପୁର, ପୁରସ୍ତମପୁର, ଭରତପୁର, କଳପଡା, ହିନ୍ଦୁଳିଆ, ବଗଡା, ଛଘରିଆ, ହଜାରୀ ପ୍ରଭୃତି ପଂଚାୟତ ଓ ପୌରାଂଚଳର କେତେକ ୱାର୍ଡର ଚାଷ ଜମି ଦୀର୍ଘ ୧ ମାସ ହେଲା ବର୍ଷାଜଳ ରେ ବୁଡି ରହିଛି । ପ୍ରାରମ୍ଭରିକ ଜଳ ନିଷ୍କାସନ ବାଟକୁ ଜାତୀୟ ରାଜପଥ କାମ ନେଇଥିବା ଠିକାଦାର ବନ୍ଦ କରି ଦେଇଥିବାରୁ ଚାଷୀମାନେ ଫସଲ ଚାଷ କରି ନପାରିବା ସହ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ବୁଧବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଡ୍ରେନେଜ୍ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, ଏସଡିଓ ଧିରେନ୍ଦ୍ର ଜେଠୀ, ଧରଣୀଧର ବେହେରା, ଜାତୀୟ ରାଜପଥ ର ଏସଡିଓ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ ପ୍ରମୁଖ ପାଣି ବୁଡି ଅଂଚଳ ପରିଦର୍ଶନ କରିଥିଲେ । ଶହ ଶହ ଚାଷୀ ଜିଲ୍ଲାପାଳଙ୍କୁ ଚାଷ ସମ୍ବନ୍ଧୀୟ ଅସୁବିଧା ସଂପର୍କରେ ଅବଗତ ହେବାପରେ ଜିଲ୍ଲାପାଳ ତୁରନ୍ତ ଜଳ ନିଷ୍କାସନ ବାଟ ଖୋଲିବା ପାଇଁ ସଂପୃକ୍ତ ଠିକାଦାରକୁ ନିର୍ଦ୍ଦେଶ ଦେବାସହ ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ତେବେ ଠିକାଦାର ଲୋକ ଲଗାଇ କିଛି ପରିମାଣର ଜଳ ନିଷ୍କାସନ ବାଟ ସଫା କରିଥିବା ସୂଚନା ମିଳିଛି ।

# ଜିଲ୍ଲାପାଳଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ: ପିଅନ ସନ୍ତୋଷ ନିଲମ୍ବିତ

କେନ୍ଦ୍ରାପଡ଼ା, ୦୮/୦୮ (ନି.ପ୍ର): କେନ୍ଦ୍ରାପଡା ହାଇସ୍କୁଲର ପିଅନ ସନ୍ତୋଷ କୁଣ୍ଡ ନିଲମ୍ବିତ ହୋଇଛି । କେନ୍ଦ୍ରାପଡା ହାଇସ୍କୁଲରେ ଯୋଗଦେବା ପରଠାରୁ ତାର ଅସଭ୍ୟ ବ୍ୟବହାର ଛାତ୍ରଛାତ୍ରୀଙ୍କ ପ୍ରତି କଟୁ ମନ୍ତବ୍ୟ, ଅଭିଭାବକମାନଙ୍କୁ ତାଚ୍ଛଲ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର ଚରମ ସୀମାରେ ପହଁଚିଥିଲା । ଦୁଇ ଦୁଇ ଜଣ ଅଧିକାରୀଙ୍କୁ ମିଛ ମାମଲାରେ ଫସାଇ ଅନ୍ୟ କର୍ମଚାରୀମାନଙ୍କୁ ଭୟଭୀତ କରାଇ ରଖିଥିଲା । ସ୍କୁଲ ସମୟରେ ନିଶା ସେବନ କରିବା ଓ କୌଣସି କାର୍ଯ୍ୟ ନକରି ଅନ୍ୟମାନଙ୍କୁ ଧମକ ଚମକ ଦେବା ରେ ଅତିଷ୍ଠ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସୋମବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଏହି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ତୁରନ୍ତ ବିଡିଓ ବନ୍ଦନା ଖଟୁଆଙ୍କ ନେତୃତ୍ୱରେ ତହସିଲଦାର ତାପସ ରଂଜନ ଦେହୁରୀ, ଆଇଆଇସି ଦିଲିପ କୁମାର ସାହୁଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରିଥିଲେ । ଏହି କମିଟି ସ୍କୁଲକୁ ଯାଇ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବୟାନ ରେକର୍ଡ କରି ରିପୋର୍ଟ ଦେବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦିପ କୁମାର ନାଗ ଅଫିସ ଅର୍ଡର ନଂ-୮୪୭୬/ଏମ୍/ ୨୦୨୪ ଅନୁଯାଇ ସନ୍ତୋଷ କୁଣ୍ଡଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସହ ତାଙ୍କ ହେଡକ୍ୱାଟର ମହାକାଳପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ହାଜିରା ଦେବାପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଗୋଦାମରେ ଚଢାଉ: ଆଳୁ ବେପାରୀଙ୍କୁ ତାଗିଦ

କେନ୍ଦ୍ରାପଡ଼ା, ୦୮/୦୮ (ନି.ପ୍ର): ଆଳୁ ଆମଦାନୀରେ ବିଭ୍ରାଟ ଓ ପଶ୍ଚିମବଙ୍ଗ ସରକାର ଆଳୁ ଯୋଗାଣକୁ ବନ୍ଦ କରିବା ଫଳରେ ଆଳୁ ସଙ୍କଟ ଦେଖାଦେଇଛି । ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ବିଭାଗ ତରଫରୁ କଳା ବଜାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ଯୋଗାଣ ବେସାମରିକ ଅଧିକାରୀ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗ ଅଧିକାରୀ ଓ କର୍ମକର୍ତା ପୋଲିସ ସହାୟତା ରେ ବିଭିନ୍ନ ସ୍ଥାନରେ ଥିବା ଆଳୁ ଗୋଦାମ ତନଖି କରିବା ସହ ଆଳୁ ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି । କେନ୍ଦ୍ରାପଡ଼ା ପୌରାଂଚଳ ସମେତ ଚାନ୍ଦୋଳ ଓ ଅନ୍ୟ କେତେକ ସ୍ଥାନରେ ବୁଧବାର ଚଢାଉ କରାଯାଇ ଥିଲା । ଆଳୁ ବ୍ୟବସାୟୀ ମାନେ ରେଟ୍ ଚାଟ୍ ଝୁଲାଇବା ସହିତ ୩୫ ଟଙ୍କା ମଧ୍ୟରେ ଆଳୁ ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି । ଆଳୁ ଗଚ୍ଛିତ ରଖି କୃତିମ ଅଭାବ ସୃଷ୍ଟି କଲେ ଓ ମନଇଛା ଦର ବଢାଇଲେ ବା କଳାବଜାରୀ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ତରଫରୁ ତାଗିଦ୍ କରାଯାଇଛି । ଏହି ତନଖି ସମୟରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦିପ କୁମାର ମହାପାତ୍ର, ଏସିଏସ୍ଓ ଦେବଶ୍ରୀ ମାଥା, ଏମଆଇ ସ୍ୱରୂପ କୁମାର ଦାସ, ପି ସୌମ୍ୟ ଦିପ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ସାତଲହଡି ମଠ ନବୀକରଣ ସମୀକ୍ଷା ବୈଠକ

ପୁରୀ, ୦୮/୦୮ (ନି.ପ୍ର): ପୁରୀ ସାତଲହଡ଼ି ମଠର ନବୀକରଣ ପାଇଁ ଏକ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇଙ୍କ ନେତୃତ୍ୱରେ ସାତଲହଡି ମଠ ପରିସରରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଓଡିଆ ଭାଗବତର ସ୍ରଷ୍ଟା ଅତିବଡି ଜଗନ୍ନାଥ ଦାସଙ୍କ ସାଧନା ପିଠ ତଥା ସମାଧି ସ୍ଥଳ ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅନେକ ଗୌରବ ବହନ କରୁଥିବାରୁ ଏହାର ସୁରକ୍ଷା, ଉନ୍ନୟନ ଓ ନବୀକରଣ ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ।ଅତିବଡି ଜଗନ୍ନାଥ ଦାସ କମିଟିର ସଦସ୍ୟ ଶ୍ରୀ ପ୍ରଫୁଲ୍ଲ ସାମନ୍ତରାୟ ଓ ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତରାୟ ମଠ ର ସଂସ୍କୃତିକ ବୈଭବ ବିଷୟରେ ଶ୍ରୀ ଭୋଇଙ୍କୁ ଅବଗତ କରିବା ସହ ମଠର ପ୍ରାଙ୍ଗଣରେ ଥିବା ଅତିବଡ଼ି ଜଗନ୍ନାଥ ଦାସଙ୍କ ସମାଧି ପୀଠ ସମସ୍ତେ ବୁଲି ଦେଖିଥିଲେ । ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ତହସିଲଦାର ଅଭିଷେକ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆର ଏନ ଭଞ୍ଜ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ପୂର୍ତବିଭାଗର ଶ୍ରୀ ଦଳାଇ ଆଦି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଷ ପିଇ ଯୁକ୍ତ ଦୁଇ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା: ପରିବାର ଲୋକେ ଘରୋଇ କଲେଜ ଫାଟକ ଆଗରେ ଧାରଣା

ଧର୍ମଶାଳା, ୦୮/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଏକ ଘରୋଇ କଲେଜ ଛାତ୍ର ଆତ୍ମହତ୍ୟା କରିଥିଲେ । ବିଷ ପିଇ ଘରୋଇ ଯୁକ୍ତ ଦୁଇ କଲେଜ ଛାତ୍ରର ଆତ୍ମହତ୍ୟା ଘଟଣାରେ ପରିବାର ଲୋକେ ନ୍ୟାୟ ଭିକ୍ଷା କରି ଆଜି ଫାଟକ ଆଗରେ ଧାରଣାରେ ବସିଥିବା ଜଣାପଡିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ଗ୍ରାମର ବାଙ୍କ ବିହାରୀ ପଣ୍ଡାଙ୍କ ପୁଅ ଆଶିଷ ଜାରକାସ୍ଥିତ ଏକ ଘରୋଇ କଲେଜରେ ପାଠ ପଢୁ ଥିଲେ । କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବା ଯୋଗୁ କତୃପକ୍ଷ ଛାତ୍ରଙ୍କ ବାପା ମାଆଙ୍କୁ ଡାକି ଘରକୁ ନେଇ ଯିବାକୁ କହିଥିଲେ । ଘରକୁ ଯିବା ପରେ ଆଶିଷ ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗତକାଲି ପରିବାର ଲୋକେ କଲେଜ କତୃପକ୍ଷଙ୍କ ମାନସିକ ନିର୍ଯ୍ୟାତନା ଯୋଗୁ ପୁଅ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ । ତେବେ ନିର୍ଯ୍ୟାତନା ଦେବା କଥାକୁ ଖଣ୍ଡନ କରିଥିଲେ କଲେଜ କତୃପକ୍ଷ । ଆଜି ମୃତକଙ୍କ ପରିବାର ଓ ସମ୍ପର୍କୀୟ ଘରୋଇ କଲେଜ ଆଗରେ ଧାରଣାରେ ବସି ନ୍ୟାୟ ଭିକ୍ଷା କରିଛନ୍ତି । ଏଥି ସହ ମାନସିକ ନିର୍ଯ୍ୟାତନା ଦେଇଥିବା କଲେଜ କତୃପକ୍ଷଙ୍କୁ ଗିରଫ କରାଯିବା ସହ କଲେକକୁ ବନ୍ଦ କରିବାକୁ ଦାବି କରିଛନ୍ତି । ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ଓ ଯାଜପୁର ରୋଡ ଏସ୍ଡିପିଓ ସଂଜୟ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପଂହଚି ମୃତକଙ୍କ ପରିବାର ସହ ଆଲୋଚନା କରିଥିବା ଜଣାପଡିଛି ।

# କେନ୍ଦୁଝରରେ ବଣୁଆ ହାତୀଙ୍କ ଗୁଣ୍ଡାରାଜ: ଖାଦ୍ୟ ଅନ୍ୱେଷଣରେ ଭାଙ୍ଗିଲେ ୪ ଘର

କେନ୍ଦୁଝର, ୦୮/୦୮ (ନି.ପ୍ର): କେନ୍ଦୁଝରରେ ବଣୁଆ ହାତୀଙ୍କ ଗୁଣ୍ଡାରାଜ ଥମିବାରେ ନାମ ଧରୁ ନାହିଁ । ଇତି ମଧ୍ୟରେ ଗତକାଲି ବିଳମ୍ବିତ ରାତ୍ରିରେ ଚାରୋଟି ଘର ଭାଙ୍ଗି ଦେଇଥିବା ବେଳେ ଗୋଟିଏ ଘରର କାନ୍ଥ ପଡି ଘର ଭିତରେ ଶୋଇଥିବା ଆଇ ନାତୁଣୀ ଗୁରୁତର ହୋଇଛନ୍ତି । ସେହି ଗୁରତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ସଦର ରେଞ୍ଜ ଅନ୍ତର୍ଗତ କୁସୁମିତା ଗାଁ ନିକଟବର୍ତି ଅଂଚଳର କିଛି ଦିନ ହେବ ଏକ ୨୫ ଟିକିଆ ବଣୁଆ ହାତୀପଲ ଡେରା ପକାଇଥିବା ବେଳେ ଗତକାଲି ଗାଁ ଭିତରକୁ ଧସେଇ ପଶି ଆସିଥିଲେ । ଏ ବଂ ଗାଁ ଭିତରେ ଚାରୋଟି ଘରକୁ ଭାଙ୍ଗି ଦେଇଥିଲେ । ଭୋର ସମୟରେ ଦୁଇଟି ହାତୀ ଶୁକ୍ରା ମୁଣ୍ଡାଙ୍କ ଘରର କାନ୍ଥ ଭାଙ୍ଗି ଦେଇଥିବା ବେଳେ ସୌଭାଗ୍ୟବସତଃ ସୌଭାଗ୍ୟ ବସତଃ ପରିବାର ଲୋକମାନେ ବଂଚି ଯାଇଥିଲେ । କିନ୍ତୁ କାନ୍ଥର କିଛି ଅଂଶ ପରିବାରର ବରିଷ୍ଠ ସଦସ୍ୟ ଆଇ ରାଇବରୀ ମୁଣ୍ଡା ଓ ତାଙ୍କ ନାତୁଣୀଙ୍କ ଉପରେ ପଡି ଯିବା ଯୋଗୁଁ ସେମାନେ ଗୁରୁତର ହୋଇ ପଡିଥିଲେ । ପରେ ପରେ ବନ ବିଭାଗ ଏହାର ଖବର ପାଇ ଘଟଣା ସ୍ଥଳରେ ପହଁଚିଥିଲେ ଏବଂ ହାତୀଙ୍କୁ ସେଠାରୁ ଘଉଡାଇବା ସହ ଆଇ ନାତୁଣୀଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେମାନଙ୍କ ଅବସ୍ଥା ଏବେ ସ୍ଥିର ରହିଥିବା ସୂଚନା ମିଳିଥିବା ବେଳେ ସେମାନଙ୍କର ସମସ୍ତ ଖର୍ଚ୍ଚ ବନ ବିଭାଗ ବହନ କରୁଛି । ଖାଦ୍ୟ ଅନ୍ୱେଷଣରେ ହାତୀ ପଲ ପ୍ରାୟତଃ ଗାଁ ମୁହାଁ ହୋଇ ଅନେକ କ୍ଷୟ କ୍ଷତି କରୁଛନ୍ତି । ଅନୁରୁପ ଭାବେ କୁସୁମିତା ଅଂଚଳରେ ଖାଦ୍ୟ ପାଇଁ ଘୁରି ବୁଲୁଥିବା ହାତୀପଲଙ୍କୁ ଘଉଡାଇବା ଲାଗି ବନ ବିଭାଗ ଉଦ୍ୟମ ଜାରି ରହିଛି । ହାତୀ ଭାଙ୍ଗିଥିବା ଘର ମାଲିକ ଙ୍କୁ ତୁରନ୍ତ ବିଭାଗୀୟ ସହାୟତା ଯୋଗାଇ ଦିଆଯିବ ବୋଲି ରେଞ୍ଜର ଅଜିତ କୁମାର ଦାଶ ସୂଚନା ଦେଇଛନ୍ତି ।

# ସୌରଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ ପୂର୍ବତଟ ରେଳପଥ



ଭୁବନେଶ୍ୱର, ୦୮/୦୮ (ନି.ପ୍ର): ଭାରତୀୟ ରେଳବାଇର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ସର୍ଭିସ ବିଲଡିଙ୍ଗର ଛାତ ଉପରେ ସୌରଶକ୍ତି ଅଥବା ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରିଥିବାବେଳେ ରେଳପଥ ପରିସୀମା ମଧ୍ୟରେ ଅନ୍ୟ ସ୍ଥାନ ମାନଙ୍କରେ ସବୁଜ ଶକ୍ତି ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପ ଗୁଡିକ ମଧ ଗ୍ରହଣ କରୁଛି । ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବାର୍ଷିକ ପ୍ରାୟ ୨୧୮୨୬ କେଡବ୍ଲୁପି କ୍ଷମତା ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରିଛି ଯାହାଫଳରେ ଶକ୍ତି ବାବଦରେ ବ୍ୟୟ ବାବଦରେ ପ୍ରାୟ ୧୪ କୋଟି ଏବଂ କାର୍ବନ କ୍ରେଡିଟ ଅଥବା କ୍ରୟ କ୍ଷେତ୍ରରେ ପ୍ରାୟ ୯୧.୪୧ ଲକ୍ଷ ଟଙ୍କା ସଂଚୟ କରିପାରିବ । ଏହି ପ୍ରକଳ୍ପ ଅଧୀନରେ, ପୂର୍ବତଟ ରେଳପଥ ୧୪୯ ଟି ଷ୍ଟେସନ୍ ବିଲଡିଙ୍ଗ, ୨୪୮ ଟି ସର୍ଭିସ୍ ବିଲଡିଙ୍ଗ, ୬୯୨୪ ଟି ଆବାସିକ ବିଲଡିଙ୍ଗ ଏବଂ ୩୬୬ ଟି ଲେଭଲ୍ କ୍ରସିଂ ଗେଟ୍ ମାନଙ୍କରେ ସୋଲାର ପାୱାର ପ୍ଲାଂଟ ସ୍ଥାପନ କରିବାକୁ ସ୍ଥିର କରିଛି । ଉପରୋକ୍ତ ପ୍ରକଳ୍ପ ବାବଦରେ ପୂର୍ବତଟ ରେଳପଥ ଇତିମଧ୍ୟରେ ପ୍ରାୟ ୮୩.୭୯ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି ଯେଉଁଥିରେ ଛାତ ଉପରେ ବିଭିନ୍ନ କ୍ଷମତା ବିଶିଷ୍ଟ ଗ୍ରୀଡ୍ ପ୍ଲାଂଟରେ ସୌରଶକ୍ତି ପ୍ଲାଂଟ / ନବୀକରଣଯୋଗ୍ୟ ସୌରଶକ୍ତି ଉତ୍ସ ସ୍ଥାପନ କରିବ । ବ୍ରହ୍ମପୁର-ପଲାସା ରେଳ ସେକ୍ସନରେ ସୌରଶକ୍ତି ସ୍ଥାପନ ବାବଦରେ ପ୍ରାୟ ୦୯.୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଭୁବନେଶ୍ୱର-କଟକ-ପାରାଦୀପ-ଭଦ୍ରକ ରେଳ ସେକ୍ସନ ପାଇଁ ୮.୮୬ କୋଟି ଟଙ୍କା ,ଅନୁଗୁଳ ରେଳ ସେକ୍ସନ ପାଇଁ ୯.୪୮ କୋଟି ଟଙ୍କା , ଭୁବନେଶ୍ୱର ମୁଖ୍ୟାଳୟ ସମେତ ନିକଟସ୍ଥ ରେଳବାଇ ଅଞ୍ଚଳ ପାଇଁ ୯.୧୦ କୋଟି ଟଙ୍କା , ଖୋର୍ଦ୍ଧା ରୋଡ୍ - ପୁରୀ ରେଳ ସେକ୍ସନ ପାଇଁ ୮.୭୪ କୋଟି ଟଙ୍କା, ପାରାଦୀପ-କେନ୍ଦୁଝରଗଡ ରେଳ ସେକ୍ସନ ପାଇଁ ୮.୧୦ କୋଟି ଟଙ୍କା, ବିଶାଖାପାଟନମ୍ ଅଂଚଳ ପାଇଁ ୭.୨୫ କୋଟି ଟଙ୍କା , ବିଶାଖାପାଟନମ୍ ଇଲେକ୍ଟ୍ରିକ୍ ଲୋକୋ ଶେଡ୍ ଅଂଚଳ ପାଇଁ ୭.୧୦ କୋଟି ଟଙ୍କା , ଦୁଭାଡା-ପଲାସା ମୁଖ୍ୟ ଲାଇନ / ନୌପଡା-ଗୁଣୁପୁର / ବିଜୟନଗରମ-ରାୟଗଡା ଅଞ୍ଚଳ ପାଇଁ ୮.୭୮ କୋଟି ଟଙ୍କା ଏବଂ କୋଟାଭାଲାସା- କିରାଣ୍ଡୁଲ ରେଳ ଲାଇନ ପାଇଁ ୭.୫୩ କୋଟି ଟଙ୍କା ଟେଣ୍ଡର ହୋଇଛି । ରେଳପଥର ମୁଖ୍ୟାଳୟ ବିଲଡିଙ୍ଗ, ରେଳ ସଦନ ପରି ଅନ୍ୟ ସେବା ବିଲଡିଙ୍ଗ ମାନଙ୍କରେ ମଧ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଅଛି । ଚନ୍ଦ୍ରଶେଖର ପୁରରେ ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୋଲାର ପାୱାର ପ୍ଲାଣ୍ଟ / ନବୀକରଣଯୋଗ୍ୟ ଶକ୍ତି ଉତ୍ସ କ୍ଷମତା ବାର୍ଷିକ ପ୍ରାୟ ୬୭୯୦ କଡବ୍ଲୁ ଅଟେ । ସେହିଭଳି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅଧିକାଂଶ ସ୍ଥାନରେ ଲେଭଲ୍ କ୍ରସିଂ ଗେଟ୍ ମାନଙ୍କରେ ମଧ ସୌରଶକ୍ତି / ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ପ୍ରଣାଳୀ ସ୍ଥାପିତ ହୋଇଛି । ପୂର୍ବ ତଟ ରେଳପଥ ଏହାର ଶକ୍ତି ଆବଶ୍ୟକତା ପୂରଣ ପାଇଁ ସୌରଶକ୍ତିର ବ୍ୟବହାରକୁ ସର୍ବାଧିକ କରିବାକୁ ପ୍ରତିଶ୍ରୁତିବଦ୍ଧ । ଷ୍ଟେସନ ଏବଂ ଅନ୍ୟାନ୍ୟ ସେବା ବିଲଡିଙ୍ଗର ଦୈନନ୍ଦିନ ଶକ୍ତି ଆବଶ୍ୟକତା ପୂରଣ କରିବାରେ ଏହି ବ୍ୟବସ୍ଥା ସହାୟକ ହୋଇପାରିବ । ପରିବେଶ ଅନୁକୂଳ ହେବା ବ୍ୟତୀତ ଏହା ରେଳବାଇ ପାଇଁ ବହୁମୂଲ୍ୟ ଖର୍ଚ୍ଚ ପରିବର୍ତ୍ତେ ସଞ୍ଚୟ କରିପାରିବ ।

# ହାଣ୍ଡିଶାଳରେ ମାଡ଼ କରିଛନ୍ତି ବିଜେପି ସରକାର: ସିପିଆଇ

ଭୁବନେଶ୍ୱର, ୦୮/୦୮ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଆସିଲା ପରେ ଆଳୁ ସଂକଟର ସମାଧାନ କରି ନ ପାରିବାରୁ ସାଧାରଣ ଖାଉଟିଙ୍କ ହାଣ୍ଡିଶାଳରେ ମାଡ଼ ମାରିଛନ୍ତି ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଏକ ପ୍ରେସ୍ ଇସ୍ତାହାରରେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ଆମ ରାଜ୍ୟରେ ପ୍ରଚୁର ଆଳୁ ଉତ୍ପାଦନ ହେଉ ନ ଥିବାରୁ ସାଧାରଣତଃ ପଶ୍ଚିମବଙ୍ଗଉପରେ ନିର୍ଭର କରିବାକୁ ପଡ଼ିଥାଏ । ଦେଶରେ ଚାଷୀମାନଙ୍କର ସମସ୍ୟାକୁ କେନ୍ଦ୍ର ସରକାର ଅଣଦେଖାକରିବା ଫଳରେ ଚାଷୀ ଉତ୍ପାଦନରୁ ମୁହଁ ଫେରାଇ ନେଉଛି । ଚଳିତ ବର୍ଷ ପଶ୍ଚିମବଙ୍ଗର ଆଳୁ ଉତ୍ପାଦନର ସମାନ ଅବସ୍ଥା ସୃଷ୍ଟି ହୋଇଛି । ଯାହାର ଫଳ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନି ଉପରେ କଟକଣାଲଗାଇଛନ୍ତି । ରାଜ୍ୟ ଯୋଗାଣ ମନ୍ତ୍ରୀ ଉତ୍ତରପ୍ରଦେଶରୁ ଆଳୁ ଆସୁଛି ବୋଲି କହି ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ବ୍ୟବସାୟୀମାନଙ୍କ ସୂତ୍ରରୁ ପ୍ରକାଶ ଯେ ଉତ୍ତରପ୍ରଦେଶ ଆଳୁର ମାନ ନିମ୍ନମାନର । ଆଳୁ ଖାଉଟି ବଜାରରେ ୬୦ ଟଙ୍କାରେ ପହଞ୍ଚିଲାଣି । ଏହାର ସମାଧାନ ନ ହେଲେ ଆଳୁଦର ଦିନକୁ ଦିନ ବୃଦ୍ଧି ପାଇବ । ଯାହାଫଳରେ ସାଧାରଣ ଖାଉଟି ହନ୍ତସନ୍ତ ହେବେ । ଏହି ଏକ ସଙ୍ଗୀନ ପରିସ୍ଥିତିରେ ସରକାର ତୁରନ୍ତ ସମସ୍ତ ବିରୋଧୀ ରାଜନୈତିକ ଦଳକୁ ବିଶ୍ୱାସକୁ ନେଇ ବୈଠକ କରାଇବା ସହିତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଶ୍ରୀ କାନୁନଗୋ ଦାବି କରିଛନ୍ତି ।

# ବର୍ଷା ପାଗରେ ଘରେ ତିଆରି କରନ୍ତୁ ପନିରର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ପନିର, କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା, ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଟମାଟୋ ସସ୍, ଚିଲି ସସ୍, ଖାଇବା କଲର, ଗରମ ମସଲା ଗୁଣ୍ଡ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ। ତେଲ ଗରମ କରି ଏଗୁଡ଼ିକୁ ଲାଲ୍ ହେବା ଯାଏ ଭାଜି ଏକ ପାତ୍ରରେ କାଢ଼ି ରଖନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, କଟା ରସୁଣ, କଟା ଅଦା, କଟା କଞ୍ଚାଲଙ୍କା ପକାଇ ହାଲକା ଭାଜନ୍ତୁ। ଏଥିରେ ପିଆଜ-ଅଦା-ରସୁଣ ବଟା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ଅଳ୍ପ ଟମାଟୋ ସସ୍ ଓ ଅଳ୍ପ ଚିଲି ସସ୍ ପକାଇ ଭଲ ଭାବେ କଷି ଦିଅନ୍ତୁ।



ପରେ କଲର
ପାଉଡର ଅଳ୍ପ ପକାଇ
ଦିଅନ୍ତୁ।ମସଲା କଷି ହୋଇଗଲେ
ଅଳ୍ପ ପାଣି ଦେଇ ଗରମ ମସଲା ଗୁଣ୍ଡ ପକାଇ
ଭଜା ପନିରକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ମସଲା ଟିକେ ଶୁଖିଲା ହୋଇଗଲେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପନିର ଚଟପଟି'। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ; ଦୂର କରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ରସୁଣର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡ଼ା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ। ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...**

## ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣର ଫାଇଦା



ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ।

ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ହଜମ ପ୍ରକ୍ରିୟାକୁ ମଜବୁତ କରେ- ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ। ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି କରେ- ଯଦି ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ, ତେବେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ନିଶ୍ଚିତ ରୂପେ ଖାଆନ୍ତୁ। ରସୁଣରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ, ଯେଉଁଥିପାଇଁ ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ।

# ଚା' ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?



'ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା' ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।' ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ୱା ଆପଣ ଯଦି ଜଣେ ଚା' ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା' ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା' ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା' ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା' ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାକାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ୱା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟ୍ସ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା' ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା' ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ।

ଏକ କପ୍ (୧୫୦ ମିଲି) ବ୍ରୁ୍ୟଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ।

ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ:

ଓଉଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ୱା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ।

ସେହିପରି ଶୋଇବା ପୂର୍ବରୁ ମଧ ଚା' ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା' କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ।

ତେଣୁ, କପେ ଗରମ ଚା' ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା' ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ୱା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ'ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ୱା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ୱା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ'ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା'ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ୱା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ୱା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା' ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ।



ସ୍ତନରେ ଇନ୍‌ଫେକ୍‌ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଛା କରେ ନାହିଁ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଛା ହୁଏ ନାହିଁ:* ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ'ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା' ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରି ମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ୱା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା'କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ୱା ଜ୍ୱର ହେବା ବେଳେ ତା' ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ।

ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ୱା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ'ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ-ବାଂଲା ସମ୍ପର୍କ...

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଦେଶଛାଡ଼ି ପଳାୟନ ଏବଂ ଦେଶର ଶାସନ ଭାର ସେନା ନିଜ ହାତକୁ ନେବା ପରେ ମଧ ସେଠାରେ ହିଂସା ଥମି ନାହିଁ। ସଂରକ୍ଷଣ ବିରୋଧରେ ଆରମ୍ଭ ହୋଇଥିବା ବିକ୍ଷୋଭ ଅଧିକ ହିଂସାତ୍ମକ ହୋଇ କ୍ରମଶଃ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଉଛି। ବିଶେଷକରି ସେଠାରେ ସଂଖ୍ୟାଲଘୁ ହିନ୍ଦୁ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଛି। ବିକ୍ଷୋଭକାରୀମାନେ ଅନେକ ସ୍ଥାନରେ ମନ୍ଦିର ଓ ଚର୍ଚ୍ଚକୁ ଭାଙ୍ଗି ଦେଇଥିବାର ଦେଖାଯାଇଛି। ସଂସଦକୁ ଆନୁଷ୍ଠାନିକ ଭାବେ ଭଙ୍ଗ କରି ଦିଆଯାଇଥିବାରୁ ୭ ମାସର ଗଣତାନ୍ତ୍ରିକ ସରକାରର ପତନ ଘଟିଛି। ପାକିସ୍ତାନ ପରି ବାଂଲାଦେଶରେ ସେନା ଶାସନର ଦୀର୍ଘ ଇତିହାସ ନାହିଁ। କିନ୍ତୁ ମତୈକ ଆଧାରରେ ଖୁବ୍‌ଶୀଘ୍ର କାମଚଳା ସରକାର ଗଠନ ଦିଗରେ ସେନା ମୁଖ୍ୟ ଯେଉଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ତାହା ଏ ପର୍ଯ୍ୟନ୍ତ ସାକାର ହୋଇପାରିନାହିଁ। ଅଧିକନ୍ତୁ ସେନାରେ ବଡ଼ଧରଣର ଅଦଳବଦଳ ହୋଇଥିବା ଖବର ମିଳିଛି। ସେଠାକାର ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଏହି ରାଜନୈତିକ ଦୃଶ୍ୟପଟ୍ଟର ପରିବର୍ତ୍ତନ ସହିତ ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ସମ୍ପର୍କର ସୁବର୍ଣ୍ଣ ଯୁଗ ସମାପ୍ତ ହୋଇଛି। ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ମ୍ୟାଁମାର, ମାଳଦ୍ୱୀପ ପରେ ଭାରତ ପାଇଁ ଅସ୍ଥିର ପଡ଼ୋଶୀ ତାଲିକାରେ ଆଉ ଏକ ରାଷ୍ଟ୍ରର ନାମ ଯୋଡ଼ି ହୋଇଯାଇଛି। ଭାରତ-ବାଂଲାଦେଶ ସୁସମ୍ପର୍କ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ, ଭାରତ ସହିତ ବାଂଲାଦେଶ ସୀମାନ୍ତ ସବୁଠାରୁ ଦୀର୍ଘ ୪୦୯୬ କିମି, ଯାହା ଉନ୍ମୁକ୍ତ। ଏଣୁ ସେଠାରେ ଯେକୌଣସି ଅଶାନ୍ତି, ଅସ୍ଥିରତା, ଅରାଜକତା ସୃଷ୍ଟି ହେଲେ ଅନୁପ୍ରବେଶକାରୀଙ୍କ ସମେତ ବିଭିନ୍ନ ସଶସ୍ତ୍ର ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପ ଭାରତରେ ବୃଦ୍ଧି ପାଇବା ନିଶ୍ଚିତ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିକୋଣରୁ ବାଂଲାଦେଶ ବାତ୍ୟା, ମରୁଡ଼ି, ଚାଷଜମିରେ ଲୁଣା ମାଡ଼ିଯିବା ଆଦି ପ୍ରାକୃତିକ ଦୁର୍ବିପାକରେ ଗୁରୁତର ପ୍ରଭାବିତ ଦେଶ। ତେଣୁ ଭାରତ 'ପଡ଼ୋଶୀ ପ୍ରଥମ'(ନେଇବର ଫାର୍ଷ୍ଟ) ନୀତିରେ ବାଂଲାଦେଶରେ ରାଜନୈତିକ-ଅର୍ଥନୈତିକ-କୂଟନୈତିକ ସ୍ଥିରତା ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଛି। ବିଶେଷକରି ୨୦୦୮ ପରେ ବାଂଲାଦେଶ ପ୍ରତି ଭାରତର ଅନୁକମ୍ପା ଓ ସମ୍ବେଦନଶୀଳତା ବୃଦ୍ଧି ପାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଭାରତ ବିରୋଧୀ ଆଭିମୁଖ୍ୟରେ ଚୀନ୍ ଓ ପାକିସ୍ତାନ ବାଂଲାଦେଶର ମୌଳବାଦୀ ଉଗ୍ର ସଂଗଠନଗୁଡ଼ିକୁ ଆର୍ଥିକ ଓ ସାମରିକ ସହାୟତା ଓ ସମର୍ଥନ ଯୋଗାଇ ଆସୁଛନ୍ତି। ଆର୍ଥିକ ସହାୟତା ପ୍ରଲୋଭନ ସହିତ ଭିତ୍ତିଭୂମି ସୁବିଧା ସୁଯୋଗ ଯୋଗାଇବା ଆଳରେ ବାଂଲାଦେଶକୁ ଭାରତ-ବିରୋଧୀ ଉପନିବେଶ କେନ୍ଦ୍ର ଭାବେ ଗଢ଼ିବାକୁ ଚୀନ୍ ସର୍ବଦା ଚେଷ୍ଟିତ। ତେଣୁ ଚୀନର ଲୋଲୁପ ଦୃଷ୍ଟିରୁ ସୁରକ୍ଷା ଦେବା ପାଇଁ ବାଂଲାଦେଶର ବିପଦ ଆପଦରେ ଭାରତ ସବୁବେଳେ 'କବଚ' ଭାବେ ଭୂମିକା ନିର୍ବାହ କରିଛି। ଶେଖ୍ ହସିନା ଶାସନ କ୍ଷମତାକୁ ଆସିବା ପରେ ବାଂଲାଦେଶ ବିକାଶ ଓ ସ୍ଥିରତା ପାଇଁ ଭାରତର ବୈଦେଶିକ ରଣନୀତିରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଛି। କେବଳ ତିସ୍ତା ନଦୀ ଜଳବଣ୍ଟନ ବିବାଦକୁ ଛାଡ଼ି ଦେଲେ ବାଂଲାଦେଶ ସହିତ ଭାରତର ରାଜନୈତିକ-କୂଟନୈତିକ-ବାଣିଜ୍ୟିକ-ସାଂସ୍କୃତିକ ଦ୍ୱିପାକ୍ଷିକ ସମ୍ପର୍କ ମୋଟାମୋଟି ସନ୍ତୋଷପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ କହିଲେ ଭୁଲ୍ ହେବ ନାହିଁ। ଦ୍ୱିତୀୟତଃ, ବାଣିଜ୍ୟ କାରବାର ଦୃଷ୍ଟିରୁ ଏସିଆ ମହାଦେଶରେ ଚୀନ୍ ପରେ ଭାରତ ହେଉଛି ବାଂଲାଦେଶର ଦ୍ୱିତୀୟ ବୃହତ୍ ଏବଂ ଉପମହାଦେଶରେ ସର୍ବବୃହତ୍ ବାଣିଜ୍ୟ ସହଯୋଗୀ। ଗତ ଆର୍ଥିକ ବର୍ଷରେ ଭାରତ-ବାଂଲାଦେଶ ବାଣିଜ୍ୟ କାରବାର ୧୩୦୦ କୋଟି ଆମେରିକୀୟ ଡଲାରରେ ପହଞ୍ଚିଥିବା ବେଳେ ଭାରତୀୟ କପା ରପ୍ତାନୀର ସବୁଠାରୁ ବଡ଼ ବଜାର ହେଉଛି ବାଂଲାଦେଶ। ଏହାଛଡ଼ା ପେଟ୍ରୋଲିୟମ, ଶସ୍ୟ ଆମଦାନୀକାରୀ ରାଷ୍ଟ୍ର ଭାବେ ବାଂଲାଦେଶ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପେଣ୍ଠ ଏବଂ ବାଂଲାଦେଶର ବୟନ ଶିଳ୍ପର ଭାରତ ସର୍ବବୃହତ୍ ଆମଦାନୀକାରୀ। ବାଣିଜ୍ୟ ଓ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ଗତ ବର୍ଷ ହିଁ ଭାରତ-ବାଂଲାଦେଶ ମଧ୍ୟରେ 'ମୁକ୍ତ ବାଣିଜ୍ୟ ଚୁକ୍ତିନାମା' ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ବାଂଲାଦେଶର ଭାରତକୁ ରପ୍ତାନୀ ପରିମାଣ ୧୮୨% ଏବଂ ଭାରତର ବାଂଲାଦେଶକୁ ରପ୍ତାନୀ ପରିମାଣ ୧୭୨% ବୃଦ୍ଧି ପାଇଛି। ବାଣିଜ୍ୟ ସମ୍ପର୍କକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶେଖ୍ ହସିନାଙ୍କ ଗତ ଭାରତ ଗସ୍ତ ଅବସରରେ 'ବିସ୍ତୃତ ଅର୍ଥନୈତିକ ସହଯୋଗୀ ଚୁକ୍ତି(ସେପା)' ପାଇଁ ଆଲୋଚନା ଚୂଡ଼ାନ୍ତ ହୋଇସାରିଛି। ତୃତୀୟତଃ, ଭୂରାଜନୈତିକ ଦୃଷ୍ଟିରୁ ଭାରତ ପାଇଁ ବାଂଲାଦେଶ ଏକ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ। ତେଣୁ ସେଠାରେ ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଏବଂ ରେଳ, ସଡ଼କ ପଥ, ଜାହାଜ ଜଳାଚଳ, ବନ୍ଦର ଆଦିର ବିକାଶ ପାଇଁ ଭାରତ ୨୦୧୬ଠାରୁ ବାର୍ଷିକ ୮୦୦ କୋଟି ଆମେରିକୀୟ ଡଲାର କୋହଳ ସର୍ତ୍ତରେ ଆର୍ଥିକ ସହାୟତା ଯୋଗାଇ ଆସୁଛି। ଏହିକ୍ରମରେ ଗତବର୍ଷ ଆଖାଉରା-ଅଗରତାଲା ଆନ୍ତଃସୀମା ରେଳ ସଂଯୋଗ ଏବଂ ଖୁଲ୍‌ନା-ମୋଙ୍ଗଲା ବନ୍ଦର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟନ, ବାଣିଜ୍ୟ, ଗଣପରିବହନ ଆଦି ଦୃଷ୍ଟିରୁ ଏହି ଆନ୍ତଃସୀମା ପ୍ରକଳ୍ପ ବହୁଗୁରୁତ୍ୱପୂର୍ଣ୍ଣ। ରୁଷିଆ-ଭାରତ-ବାଂଲାଦେଶ ମିଳିତ ପ୍ରୟାସରେ ରୁପୁର ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଡିଜେଲ୍ ଫ୍ରେଣ୍ଡଲି ପାଇପ୍‌ଲାଇନ୍, ୨୦୦୦ ମେଗାୱାଟ୍ ବିଜୁଳି ଶକ୍ତି ଭାରତ ଯୋଗାଇ ଦେଇ ଆସୁଛି। ତେଣୁ ସେଠାକାର ନୂଆ ସରକାର ଅମଳରେ ଭାରତ ସହିତ ଏହି ଦ୍ୱିପାକ୍ଷିକ ଚୁକ୍ତି ସର୍ତ୍ତ କେତେ କାର୍ଯ୍ୟକାରୀ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଂଲାଦେଶର ଅର୍ଥନୀତି ଏବେ ଗୁରୁତର ଚାପରେ ରହିଛି। ଜିଡିପି ପାଖାପାଖି ୫.୮ ପ୍ରତିଶତକୁ ଖସି ଆସିଥିବା ବେଳେ ମୁଦ୍ରାସ୍ଫୀତି ୩୦ ପ୍ରତିଶତ ଉପରେ ରହିଛି। କୃଷି, ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିବାରୁ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଏଥିରୁ ଚୀନ୍ ଫାଇଦା ଉଠାଇବା ପାଇଁ ବିଚିତ୍ର ନୁହେଁ। ଏହା ମଧ ଭାରତରେ ଅନୁପ୍ରବେଶ ସମସ୍ୟା ବୃଦ୍ଧି କରିବ।

## ସ୍ୱଭାବ କବି ଗଙ୍ଗାଧର ମେହେର



### ଅକ୍ଷୟ କୁମାର ରାଉତ



ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ। କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟା। କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି, ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ। କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି। ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ। କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ। ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ। ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା। ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ। ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ।

ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା। ସେ ସାତ ବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ। କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଂଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ। ଦାରିଦ୍ରର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା। ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ।

ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ ଉପାର୍ଜନ କରୁଥିଲେ। ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତଥିଲା। ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ। ବ୍ରାଂଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ। ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ। ପାଠ ପଢା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ।

ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ୍ୟ ଜୀବନ ଆରମ୍ଭ ହେଲା। ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା। ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ। ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ। ଠିକ୍ ଏତିକି ବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା। ଗଙ୍ଗାଧରଙ୍କ ଦାରିଦ୍ର, ବେଢି ଉପରେ ନଳିତା ବିଡାପରି ହୋଇଉଠିଲା। ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ।

୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ। ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ ବୁଝୁଥିଲେ। ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ। ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ। ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ। ଏହି ପଦ୍ମପୁରରୁ ଚାକିରୀରୁ ଅବସର ଗ୍ରହଣ କରିଥିଲେ।

ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗଦେଇଥିଲେ। କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ। କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ। ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ। ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ।

ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା। ୧୪.୦୭.୧୮୯୭ ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ। ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ। ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ। ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ। ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେବି, ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ। ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ। ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ। ସେଠାରେ ସେ ଜନ କଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି'। ଗଙ୍ଗାଧରଙ୍କର ପାରିବାରିକ ଜୀବନଦୁଃଖପୂର୍ଣ୍ଣ ଥିଲା। ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ। ଦାରିଦ୍ର୍ୟର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇ ମଧ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ। ଅସାଧାରଣ ଧୈର୍ଯ୍ୟ, କର୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା। ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ।

ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା। ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା'ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ। ସେ ପ୍ରଧାନତ କାବ୍ୟର କବି ଥିଲେ। କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ, ରସ ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ ବୋଲୁଥାନ୍ତି ଧର୍ମ-ଅବତାର, ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି। ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି।

ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇରହିବେ। କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

'ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ।
କିନ୍ତୁ ତୁମ୍ଭେ ଦିନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ।'


+ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


## ପରମହଂସ ପ୍ରଜ୍ଞାନାନନ୍ଦ

### ହେମନ୍ତ କୁମାର ପରିଡ଼ା

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ। ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି। ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ। ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ। ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ। କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର। ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି। ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ। ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା। ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ। ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ। ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ। ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ। ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା। ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ। ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ। ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ। ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ। ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି। ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ। ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ। ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି। ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ। ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ। ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ। ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ। ପରମହଂସ ଅବସ୍ଥା ଆଧାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି। ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ। ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ। ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ। ଯେତିକି ବିଜୟୀ ସେତିକି ନମ୍ର ଓ ଧୀର। ସାଦ ସାହାସ୍ୟ ବଦନ। ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ। ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ। ତାଙ୍କ ସତ୍ ସଙ୍କଳ୍ପରୁ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ। ଯେଉଁଠାରେ ଅସହାୟ ନିସହାୟ ପିଲାମାନଙ୍କୁ ସାରା ଓଡ଼ିଶାରୁ ଖୋଜି ଖୋଜି ଅଣାଯାଇ ବିଦ୍ୟାଳୟରେ ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ। ବାଳାଶ୍ରମ ଏକ ଉଚ୍ଚମାନର ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ। ଦେଶର ବହୁସ୍ଥାନରେ ସେ ଗଢ଼ିଛନ୍ତି ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ। ଯେଉଁଠାରେ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥାଏ। ଅନେକ କ୍ରିୟାଯୋଗ ଆଶ୍ରମ ଦେଶ ବିଦେଶରେ ପ୍ରତିଷ୍ଠା କରି ଲୋକମାନଙ୍କ ଭିତରେ ଶାନ୍ତି ଆନନ୍ଦ ଓ ଭାତୃଭାବର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି। ହରିହରାନନ୍ଦ ଗୁରୁକୁଳମ୍ ହେଉଛି ଏକ ଅପୂର୍ବ ଆଧାତ୍ମ ସାଧନା କେନ୍ଦ୍ର। ଏକ ସୁନ୍ଦର ମନୋରମ ଆଶ୍ରମ। ପୁରୀ କୋଣାର୍କ ବେଳାମାର୍ଗର ପୂର୍ବ ପାର୍ଶ୍ୱରେ ଅବସ୍ଥିତ ଏହି ଆଶ୍ରମ ଦର୍ଶନ ପାଇଁ ଟିକିଏ ବିଶ୍ରାମ ପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ଧାଇଁ ଆସୁଛନ୍ତି।

ପ୍ରଜ୍ଞାନାନନ୍ଦଜୀ ଜଣେ ବହୁଭାଷାବିତ୍ ଶାସ୍ତ୍ରଜ୍ଞ ବିଦ୍ୱାନ। ବିଶ୍ୱର ବହୁଧର୍ମ ଦର୍ଶନ ଉପରେ ତାଙ୍କର ଗଭୀର ପ୍ରବେଶ ଅଛି। ସାରା ବିଶ୍ୱ ଭ୍ରମଣ କରି ସେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଓ ପ୍ରଖ୍ୟାତ ପୀଠମାନଙ୍କରେ ଧର୍ମ, ଦର୍ଶନ, ଯୋଗ ଓ ସଂସ୍କୃତି ଉପରେ ତାଙ୍କର ବକ୍ତୃତା ପ୍ରଦାନ କରିଛନ୍ତି। ବିଶ୍ୱଧର୍ମ ସମ୍ମିଳନୀରେ ପ୍ରବଚନ ଦେଇ ଉପସ୍ଥିତ ବିଶ୍ୱବଦ୍ୟ ବ୍ୟକ୍ତିମାନଙ୍କୁ ମୁଗ୍ଧ କରିଦେଇଥିଲେ। ତାଙ୍କ ଲିଖିତ ଶତାଧିକ ପୁସ୍ତକ ଏବେ ବିଶ୍ୱର ମୁମୁକ୍ଷୁ ସାଧକ ମାନଙ୍କୁ ମାର୍ଗଦର୍ଶନ ଦେଉଛି। ହିନ୍ଦୁ ଧର୍ମର ଜଣେ ପ୍ରବକ୍ତା ହୋଇଥିଲେ ମଧ ସବୁ ଧର୍ମକୁ ସମାନ ସମ୍ମାନ ପ୍ରଦର୍ଶନ କରି ଜଣେ ସର୍ବଜନପ୍ରିୟ ସନ୍ଥ ଭାବେ ସର୍ବତ୍ର ପରିଚିତ। ସେ ଅତ୍ୟନ୍ତ ଜଗନ୍ନାଥ ପ୍ରେମୀ। ଜଗନ୍ନାଥଙ୍କ ପ୍ରତି ତାଙ୍କର ଅହେତୁକ ଭକ୍ତି। ପୃଥିବୀର ଯେ କୌଣସି ପ୍ରାନ୍ତରେ ଥିଲେ ମଧ ଶ୍ରୀଜଗନ୍ନାଥଙ୍କ ବିଶେଷ ଉତ୍ସବ ମାନଙ୍କରେ ସେ ପୁରୀ ଫେରି ଆସି ପ୍ରଭୁଙ୍କ ଦର୍ଶନରେ ନିଯୁକ୍ତ ଥାଆନ୍ତି। ଗୋମାତା ବିଶ୍ୱ ଅର୍ଥନୀତିର ମୂଳ ଉତ୍ସ। ଗୋ ସମୃଦ୍ଧିରେ ବିଶ୍ୱର ସମୃଦ୍ଧି ଓ ସୁରକ୍ଷା। ତେଣୁ ଗୋ ସମ୍ପଦର ଉନ୍ନତି ପାଇଁ ବହୁ ଉନ୍ନତିମୂଳକ ପ୍ରକଳ୍ପ ହାତକୁ ନେଇ କାର୍ଯ୍ୟ କରୁଛନ୍ତି। ତାଙ୍କର ସଂକଳ୍ପ ଅଛି ଆଗାମୀ ଦିନରେ ଶ୍ରୀ ମନ୍ଦିର ନୀତିରେ ଲାଗୁଥିବା ସମସ୍ତ ଅଶୁଦ୍ଧ ଘୃତ ପରିହାର କରି କେବଳ ଶୁଦ୍ଧ ଗୋଘୃତରେ ନୀତି ବ୍ୟବସ୍ଥା ପାଇଁ। ଜଗନ୍ନାଥ ତାଙ୍କର ପ୍ରାଣ। ଆଜି ତାଙ୍କର ପବିତ୍ର ଜନ୍ମ ଉତ୍ସବ ଅବସରରେ ଆମେ ସମସ୍ତେ ଶୁଭକାମନା ଜଣାଇବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।


ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ମୋ: ୮୭୬୩୧୦୭୧୨୬





## ଅଧା ଦେଖା ସପନ

### ସନ୍ତୋଷ କୁମାର ଅଦାବର

ସତ ସତିକା ଲାଗଇ ଆହା
ଅଧା ଦେଖା ସପନ
ହୃଦୟ କୋଣେ ସାଇତି ରହେ
ହୋଇ ଚିର ଗୋପନ।

ଛାଇ ନିଦରେ ଆସଇ ଧୀରେ
ମନ ଅଗଣା ଦେଇ
ସତ ରାଇଜେ ଭସାଇ ଦିଏ
ଅଳପ କ୍ଷଣ ପାଇଁ।

ନିଦ ଭାଙ୍ଗିଲେ ଖୋଜିବ ସିନା
ନ ମିଳେ ଦେଖା ତା'ର
ସ୍ମୃତିଟେ ହୋଇ କାଳ କାଳକୁ
ହୃଦୟେ କରେ ଘର।

ଅଧା ସପନ ଅଧା ରାତିରେ
ବହୁ ଉତ୍କଣ୍ଠା ଦିଏ
ବାକି ଅଧକ ଅଧୁରା ବୋଲି
ନିଦଟି ଦୋଷୀ ହୁଏ।

ସୁଖ ସପନ ଅଧୁରା ହେଲେ
କରି ଦିଏ ଭାବୁକ
ଅଧା ରହିଲେ ଦୁଃଖ ସପନ
ସାଥି ହୁଏ ଲୋତକ।


ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


## ତୁମ ଆଗମନେଞ୍ଚ

### ଜୟନ୍ତ କୁମାର ମଲ୍ଲିକ୍



ତୁମ ଆଗମନେ ମନ ଫୁଲବନେ
ଖୁସି ତ ମହକି ଯାଏ -
ତୁମ ପରଶରେ ହୃଦୟର ପକ୍ଷୀ
ପଞ୍ଚମ ତାନରେ ଗାଏ,
ତୁମକୁ ଦେଖିଲେ କୃଷ୍ଣଚୂଡ଼ା ହସେ
ଖରା ବି ନରମି ଯାଏ -
ତୁମ ହାତ ପୋଛେ ସକଳ ଯାତନା
ଦୁଃଖରୁ ନିସ୍ତାର ପାଏ,
ତୁମ ଆଲିଙ୍ଗନେ ସରିଯାଏ ପାପ
ଭରିଯାଏ ସୁଖ ଶାନ୍ତି -
ଜୀବନକୁ ମୋର କରେ ମଧୁମୟ
ତୁମର ସେ ଦିବ୍ୟ କାନ୍ତି,
ତୁମ ଚିରନ୍ତନ ଶାଶ୍ୱତ ଭାବରେ
ପ୍ରାଣରେ ପୁଲକ ଭରେ -
ତୁମ ଅନୁପମ ଶୁଭାଶିଷ ଲଭି
ବଞ୍ଚିଛି ମୁଁ ଧରା ପରେ।

ଞ୍ଚଞ୍ଚଞ୍ଚ


ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


## କଥା ପହେଳି

### ଅମରନାଥ ବାରିକ୍



ଘଡ଼ଘଡ଼ି ସହ ବିଜୁଳି ହୁଏ
ଆକାଶ ବକ୍ଷରୁ ଜନମ ସିଏ
ମୁଷଳ ଧାରରେ ବରଷୁ ଥାଏ
କେବେ ଥମି କେବେ ଝରି ସେ ଯାଏ
ତାକୁ ପାଇ ଗଛଲତା ବି ହସେ
କହି ପାରିବ ତା' ନାମ କିଏ ସେ ?

ପୂରୁବ ଦିଗରେ ସୁନେଲି ହୋଇ
ପଶ୍ଚିମରେ ପୁଣି ଲୋହିତ ଥାଇ
ସକାଳୁ ଉଇଁ ସେ ସଞ୍ଜରେ ଯାଇ
ଏକାଧିକ ନାମ ଅଛିରେ ବହି
ରବି ପ୍ରଭାକର ଯାହାକୁ କହି
ଅସଲ ନାମଟି କୁହରେ କେହି !!

ମିଞ୍ଜି ମିଞ୍ଜି ହୋଇ ଆକାଶେ ଜଳେ
ଅସଂଖ୍ୟ ହୋଇ ଯେ ଥାଏ ମଣ୍ଡଳେ
ପାହାନ୍ତିରେ କେବେ ଆସେ ସଞ୍ଜରେ
ଛୋଟ ବଡ଼ ହୋଇ ଚମକଇରେ
ଜହ୍ନି ଫୁଲ ପରି ଦିଶନ୍ତି ସିଏ
କୁହରେ ପିଲେ ତା' ନାମ ସେ କିଏ ?

ଧିରେ ଧିରେ ବଢ଼ି ଗୋଲାଇ ହୁଏ
ପୂର୍ଣ୍ଣିମାରେ ପୁରା ଆସଇ ଯିଏ
ପନ୍ଦର ଦିନପରେ ଦୃଶ୍ୟ ହୁଏ
ତାକୁ ଦେଖି ଶିଶୁ ଖୁସିରେ ହସେ
ମାମୁଁ ବୋଲି ଡାକ ଅଛି ଯାହାର
କୁହ ଶିଶୁ ଗଣ ନାମ ତାହାର ?


ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ | ଶୁକ୍ରବାର, ୯ ଅଗଷ୍ଟ ୨୦୨୪





# ଅଗଷ୍ଟ ୧୫ରେ ଆସୁଛି ୫ ବଡ଼ ଫିଲ୍ମ; ବାଜି ମାରିନେବ କି ସାଉଥ୍

**ଅଗଷ୍ଟ ୧୫କୁ କ୍ୟାପ୍‌ଚର କରିବା ରେସ୍‌ରେ ମନୋରଂଜନ ଦୁନିଆ। ଏହି ପ୍ରତିଯୋଗିତା ସାଉଥ୍ ଏବଂ ବଲିଉଡ ମଧ୍ୟରେ ହେବାକୁ ଯାଉଛି। ବଲିଉଡ୍‌ର ୩ ଦମଦାର ଫିଲ୍ମ ଏହି ଦିନ ରିଲିଜ୍ ହେବାକୁ ଥିବା ବେଳେ ସାଉଥ୍ ମଧ୍ୟ ୨ ଫିଲ୍ମ ସହିତ ସଂଘର୍ଷ କରିବାକୁ ପ୍ରସ୍ତୁତ। ତେବେ କିଏ ମାରିବ ବାଜି।**

ମନୋରଂଜନ ଦୁନିଆ ପାଇଁ ଏକ ବିଶେଷ ଦିନ ହେବାକୁ ଯାଉଛି ୧୫ ଅଗଷ୍ଟ ଗୁରୁବାର। ତେବେ ଏହି ଦିନ ବକ୍ସ ଅଫିସ୍ ପାଇଁ ବର୍ଷର ସବୁଠାରୁ ବଡ ଦିନ ହେବାକୁ ଯାଉଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ବଡ ବଡ ଫିଲ୍ମ ସେମାନଙ୍କର ରିଲିଜ୍ ତାରିଖକୁ ସ୍ଥଗିତ ରଖିଛନ୍ତି। ଏହି ଦିନ 'ସିଙ୍ଗମ୍ ଏଗେନ୍' ଏବଂ 'ପୁଷ୍ପା୨' ମଧ୍ୟରେ ସଂଘର୍ଷ ହେବାକୁ ଯାଉଥିଲା। କିନ୍ତୁ ଦୁହେଁ ଫିଲ୍ମର ରିଲିଜ୍ ତାରିଖକୁ ସ୍ଥଗିତ ରଖିଦେଲେ। ଏହା ପରେ, ପୁଣି ଥରେ ଏହି ତାରିଖକୁ କ୍ୟାପଚର କରିବାର ରେସ୍ ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ସାଉଥ୍ ଏବଂ ବଲିଉଡ ମଧ୍ୟରେ ହେବାକୁ ଯାଉଛି। ବଲିଉଡ୍ ଏହି ଦିନ ଶ୍ରଦ୍ଧା କପୁର ଏବଂ ରାଜକୁମାର ରାଓଙ୍କ ହର୍‌-କମେଡି ଫିଲ୍ମ 'ସ୍ତ୍ରୀ ୨' ରିଲିଜ କରିବାକୁ ଘୋଷଣା କରିଛି। ସେହିପରି ଜନ୍ ଆବ୍ରାହମ୍‌ଙ୍କ ଆକ୍ସନ୍ ଫିଲ୍ମ 'ବେଦା' ମଧ୍ୟ ଅଗଷ୍ଟ ୧୫ରେ ରିଲିଜ୍ ହେବା ନେଇ ପକ୍କା ହୋଇଛି। ନିକଟରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାରଙ୍କ 'ସରଫିରା' ଫ୍ଲପ୍ ହୋଇଛି। ତେଣୁ 'ପୁଷ୍ପା ୨' ରିଲିଜ୍ ହେବା ସ୍ଥଗିତ ହେବା ପରେ ସେ ମଧ୍ୟ ଏହି ତାରିଖକୁ ନିଜ ପାଇଁ ଉପଯୁକ୍ତ ମନେ କରିଛନ୍ତି ଏବଂ 'ଖେଲ୍ ଖେଲ୍ ମେଁ' ରିଲିଜ୍ ପାଇଁ ଏହି ତାରିଖ ବାଛିଛନ୍ତି। କିନ୍ତୁ ସବୁଠାରୁ ବଡ କଥା ହେଲା କୋଲାର ଗୋଲ୍ଡ ଫିଲ୍ଡ ଉପରେ ଆଧାରିତ ତାମିଲ ଫିଲ୍ମ 'ଥଙ୍ଗଲାନ୍' ମଧ୍ୟ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଘୋଷଣା କରାଯାଇଛି। ସେହି ଦିନ ପୁଣି ରାମ ପୋଥେନେନିଙ୍କ ଆକ୍ସନ୍ ଫିଲ୍ମ 'ଡବଲ୍ ଇସ୍ମାର୍ଟ' ମଧ୍ୟ ରିଲିଜ୍ ହେଉଛି।

*'ସ୍ତ୍ରୀ ୨' ଟ୍ରେଲର:*

ଏହି ଦିନ ବଲିଉଡ୍ ଏବଂ ସାଉଥ୍ ମଧ୍ୟରେ ସଂଘର୍ଷ ହେବାକୁ ଯାଉଛି। ତେବେ ତିନୋଟି ବଲିଉଡ୍ ଫିଲ୍ମ ମଧ୍ୟ ପରସ୍ପର ସହ ଜଡିତ ଥିବା ଜଣାପଡିଛି। ଅକ୍ଷୟ କୁମାର ଏବଂ ଜନ୍ ଆବ୍ରାହମ୍‌ଙ୍କୁ ଏକ ହିଟ୍‌ର ଆବଶ୍ୟକତା ରହିଛି। ଜନ୍‌ଙ୍କ 'ବେଦା' ଏକ ଆକ୍ସନ୍ ଫିଲ୍ମ ହୋଇଥିବା ବେଳେ ଅକ୍ଷୟ କୁମାରଙ୍କ 'ଖେଲ୍ ଖେଲ୍ ମେ' ହେଉଛି ପରଫେକ୍ଟ ଷ୍ଟ୍ରେଞ୍ଜରର ରିମେକ୍। ସେହିପରି ସାଉଥ୍‌ର 'ଥଙ୍ଗ୍‌ଲାନ୍' ଏବଂ 'ଡବଲ୍ ଇସ୍ମାର୍ଟ' ପ୍ୟାନ୍ ଇଣ୍ଡିଆ ରିଲିଜ୍ ହେଉଥିବାବେଳେ ହରର କମେଡି 'ସ୍ତ୍ରୀ ୨'ର ଟ୍ରେଲର ପୂର୍ବରୁ ଚର୍ଚ୍ଚାରେ ରହିଆସିଛି।

*'ଥଙ୍ଗଲାନ୍' ଟ୍ରେଲର:*

କଣ୍ଟେଣ୍ଟ୍ ବେସ୍‌ଡ୍ ଚଳଚ୍ଚିତ୍ର ନିର୍ମାଣରେ ପାରଦର୍ଶୀତା ହାସଲ୍ କରିଥିବା ପା ରଞ୍ଜିତ 'ଥଙ୍ଗଲାନ୍' ନିର୍ଦ୍ଦେଶନା ଦେଇଛନ୍ତି। 'ଡବଲ୍ ଇସ୍ମାର୍ଟ' ହେଉଛି ସୁପରହିଟ୍ ଫିଲ୍ମ 'ଇସ୍ମାର୍ଟ ଶଙ୍କର'ର ସିକ୍ୱେଲ୍। ଏହିପରି ଭାବରେ ସାଉଥ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ମସଲା ଆଣୁଛି।

ଯଦି ଆମେ ଏହି ସମଗ୍ର ଦୃଶ୍ୟକୁ ଦେଖିବା, ତେବେ ନିଃସନ୍ଦେହରେ ଗୋଟିଏ ଦିନରେ ପାଞ୍ଚଟି ବଡ ଫିଲ୍ମ ରିଲିଜ୍ ହେବା କାହା ପାଇଁ ଲାଭଦାୟକ ନ ହୋଇପାରେ। କିନ୍ତୁ ତିନୋଟି ବଲିଉଡ୍ ଚଳଚ୍ଚିତ୍ରକୁ ପ୍ରଥମେ ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡିବ। ଏହା ପରେ ସେମାନଙ୍କୁ ସାଉଥ୍‌ର ବିଷୟବସ୍ତୁ ସହିତ ସଂଘର୍ଷ କରିବାକୁ ହେବ।

*ଆଗରେ ରହିବ କି ସାଉଥ୍:*

ତେବେ ବର୍ତ୍ତମାନର ପରିସ୍ଥିତି ବିଷୟରେ ଯଦି କୁହାଯାଏ ତେବେ 'ସ୍ତ୍ରୀ ୨' ଅନ୍ୟ ଦୁଇ ହିନ୍ଦୀ ଚଳଚ୍ଚିତ୍ରଠାରୁ ବହୁ ଆଗରେ ଅଛି। ସେହିପରି ଅଭିନୟ ଏବଂ ବିଷୟବସ୍ତୁ ଦୃଷ୍ଟିରୁ ବିକ୍ରମଙ୍କ 'ଥାଙ୍ଗଲାନ୍' ପ୍ରତ୍ୟେକ କ୍ଷେତ୍ରରେ ଏକ ଚମତ୍କାର କାମ କରିଛି। ତେବେ ଅଗଷ୍ଟ ୧୫ରେ ତ ଏହାର ନିଷ୍ପତ୍ତି ହେବ, କିନ୍ତୁ ସାଉଥ୍ ଆଗରେ ରହିବ ବୋଲି ଏଥିରୁ ଅନୁମାନ ହୁଏ।

# ଫିଲ୍ମ କାହାଣୀରୁ କମ୍ ନୁହେଁ ରିତେଶ ଦେଶମୁଖ-ଜେନେଲିଆ ଡି'ସୁଜାଙ୍କ ପ୍ରେମ କାହାଣୀ



ଯେତେବେଳେ ବି ଆମେ ବଲିଉଡର ସବୁଠାରୁ ସୁନ୍ଦର ଦମ୍ପତିଙ୍କ ବିଷୟରେ କଥା ହେଉ, ରିତେଶ ଦେଶମୁଖ-ଜେନେଲିଆ ଡି'ସୁଜାଙ୍କ ଚେହେରା ପ୍ରଥମେ ଆସେ। ଦୁହେଁ କେବଳ ପତି-ପତ୍ନୀ ନୁହଁନ୍ତି ବରଂ ଭଲ ବନ୍ଧୁ ମଧ୍ୟ। ସେମାନଙ୍କ ସମ୍ପର୍କର ଉଦାହରଣ ସମଗ୍ର ବଲିଉଡ୍ ଇଣ୍ଡଷ୍ଟ୍ରିରେ ଦିଆଯାଏ। ତେବେ ଖୁବ୍ କମ୍ ଲୋକ ଜାଣିଥିବେ ଯେ ପରସ୍ପର ହାତ ଧରିବା ଉଭୟଙ୍କୁ ଦୀର୍ଘ ୯ ବର୍ଷ ପର୍ଯ୍ୟନ୍ତ ଅଗ୍ନି ପରୀକ୍ଷା ଦେବାକୁ ପଡିଥିଲା।

ଜେନେଲିଆ ଡି'ସୁଜା ୫ ଅଗଷ୍ଟ ୧୯୮୭ରେ ମହାରାଷ୍ଟ୍ରର ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ଜେନେଲିଆ ଏକ ମଙ୍ଗୋଲିଆ କ୍ୟାଥୋଲିକ୍ ପରିବାରର। ତାଙ୍କ ମା' ଜୀନତ୍ ଡି'ସୁଜା ଏକ ଫାର୍ମାସ୍ୟୁଟିକାଲ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ତାଙ୍କ ବାପା ନୀଲ୍ ଡି'ସୁଜା ଟାଟା କନ୍‌ସଲ୍‌ଟାନ୍ସ ସର୍ଭିସ୍‌ର ଜଣେ ବରିଷ୍ଠ ଅଧିକାରୀ। ଜେନେଲିଆର ପ୍ରକୃତ ପ୍ରେମ କାହାଣୀ ମଧ୍ୟ ଫିଲ୍ମ ପରି ବହୁତ ଆକର୍ଷଣୀୟ। ଯେତେବେଳେ ଜେନେଲିଆ ଫିଲ୍ମରେ ପ୍ରବେଶ କରିଥିଲେ, ସେତେବେଳେ ସେ ତାଙ୍କର ପ୍ରଥମ ଫିଲ୍ମର ହିରୋ ରିତେଶ ଦେଶମୁଖଙ୍କ ପ୍ରେମରେ ପଡିଥିଲେ। ଉଭୟଙ୍କ ଡେବ୍ୟୁ ଫିଲ୍ମ ଥିଲା 'ତୁଝେ ମେରୀ କସମ'।

'ତୁଝେ ମେରୀ କସମ'ର ସୁଟିଂ ସମୟରେ ଏହି ଯୋଡି ପରସ୍ପରଙ୍କ ନିକଟତର ହୋଇଥିଲେ। ଥରେ ତାଙ୍କ ପ୍ରେମ କାହାଣୀ ବର୍ଣ୍ଣନା କରିବାବେଳେ ରିତେଶ କହିଥିଲେ ଯେ ଜେନେଲିଆଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ହାଇଦ୍ରାବାଦ ବିମାନବନ୍ଦରରେ ହୋଇଥିଲା।

ରିତେଶ କହିଥିଲେ ଯେ ୯ ବର୍ଷ ଡେଟିଂ ପରେ ଦୁହେଁ ୨୦୧୨ ମସିହାରେ ବିବାହ କରିଥିଲେ। ତେବେ, ପ୍ରଥମ ଦେଖାରେ ଜେନେଲିଆ ରିତେଶଙ୍କୁ ବହୁତ ପସନ୍ଦ କରିଥିଲେ। ରିତେଶ କହିଥିଲେ ଯେ ଜେନେଲିଆ ଭାବିଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ପୁଅ ହୋଇଥିବାରୁ ସେ ଖୁବ୍ ଆଟିଟ୍ୟୁଡ୍‌ର ହୋଇଥିବେ।

ଜେନେଲିଆ ସବୁବେଳେ ଜଣେ ଅଭିନେତ୍ରୀ ହେବାକୁ ଚାହୁଁଥିଲେ। ତେଣୁ ସେ ୧୫ ବର୍ଷ ବୟସରେ କାମ କରିବା ଆରମ୍ଭ କରିଥିଲେ। ସେ ଜଣେ ଅଭିନେତ୍ରୀ ହେବା ପୂର୍ବରୁ ଜଣେ ମଡେଲ ଥିଲେ। ପ୍ରଥମ ଥର ପାଇଁ ସେ ଅମିତାଭ ବଚ୍ଚନଙ୍କ ପରି ସୁପରଷ୍ଟାରଙ୍କ ସହ କାମ କରିବାର ସୁଯୋଗ ପାଇଥିଲେ। ଉଭୟ ଏକ ବିଜ୍ଞାପନରେ ଏକାଠି ଦେଖାଯାଇଥିଲେ।

# ଅଳଙ୍କାର ପିନ୍ଧିଲେ, ଟଙ୍କା ଦେଲେନି: ଅଭିନେତ୍ରୀଙ୍କ ଉପରେ ଏଭଳି ଆରୋପ ଲଗାଇଲା ଅଳଙ୍କାର ବ୍ରାଣ୍ଡ



୨୦୧୨ରେ ଟିଭି ସିରିଏଲ 'ମେରୀ ମା' ସହିତ ଅଭିନୟ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ଅବନୀତ୍ କେଉରଙ୍କୁ କେଉଁଣସି ପରିଚୟର ଆବଶ୍ୟକତା ନାହିଁ। ଅଭିନେତ୍ରୀ ସୋସିଆଲ ମିଡିଆରେ ଖୁବ ସକ୍ରିୟ। ଇନଷ୍ଟା ରିଲ୍ସ ଓ ୟୁଟ୍ୟୁବ ମାଧ୍ୟମରେ ଏବେ ଟଙ୍କା ଆୟ କରୁଛନ୍ତି ଅବନୀତ୍। କିଛି ଫିଲ୍ମରେ ଅଭିନୟ କରିଥିଲେ ବି ତାଙ୍କୁ ସେତେଟା ଲୋକପ୍ରିୟତା ମିଳିପାରିନାହିଁ। ଏମଧ୍ୟରେ ଏକ ଅଳଙ୍କାର ବ୍ରାଣ୍ଡକୁ ଠକିଥିବା ସାମ୍ନାକୁ ଆସିଛି। ବ୍ରାଣ୍ଡଠାରୁ ଅଳଙ୍କାର ଆଣି ପିନ୍ଧିଥିଲେ ବି ଅବନୀତ୍ ଇନଷ୍ଟାରେ ବ୍ରାଣ୍ଡର ବିଜ୍ଞାପନ କରିନଥିବା ଦାବି କରିଛି ଅଳଙ୍କାର ବ୍ରାଣ୍ଡ ରଙ୍ଗ୍। ଇନଷ୍ଟା ପୋଷ୍ଟ ମାଧ୍ୟମରେ ରଙ୍ଗ୍ ପକ୍ଷରୁ କୁହାଯାଉଛି ଯେ, "ୟୁରୋପ ଟ୍ରିପ ପାଇଁ ଅବନୀତଙ୍କ ଷ୍ଟାଇଲିଷ୍ଟ ଆମଠାରୁ ୯ଟି ଅଳଙ୍କାର ନେଇଥିଲେ। ନେବା ବେଳେ ସେ କହିଥିଲେ ଯେ, ଅବନୀତ ଏହାକୁ ପିନ୍ଧି ଫଟୋ ଛାଡ଼ିଲେ ଇନଷ୍ଟାରେ ତୁମକୁ ଟ୍ୟାଗ୍ କରିବେ। ଅବନୀତ୍ ଆମେ ଦେଇଥିବା ଅଳଙ୍କାର ସହ ଅନ୍ୟ ବଡ଼ ବ୍ରାଣ୍ଡର ଅଳଙ୍କାର ପିନ୍ଧିଥିବା ବେଳେ ଆମକୁ ଟ୍ୟାଗ୍ ନକରି ଅନ୍ୟ ବଡ଼ ବଡ଼ ବ୍ରାଣ୍ଡକୁ ଟ୍ୟାଗ୍ କରିଥିଲେ। ଏହା ଦେଖି ଆମେ ଅବନୀତଙ୍କ ଷ୍ଟାଇଲିଷ୍ଟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଅବନୀତ୍ ଆଉ ଏକ ଫଟୋ ଛାଡ଼ିଲେ ସେଥିରେ ତୁମକୁ ଟ୍ୟାଗ୍ କରିବେ। ହେଲେ ଅବନୀତ୍ ତାହା କଲେ ନାହିଁ। ଏହା ଦେଖି ଆମେ ପୁଣି ତାଙ୍କ ଷ୍ଟାଇଲିଷ୍ଟଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଅବନୀତ୍ ଟ୍ୟାଗ୍ ନକରି ଟଙ୍କା ଦେବେ ବୋଲି କହୁଛନ୍ତି। ଏହା ଜାଣି ଆମେ ୯ଟି ଅଳଙ୍କାରର ଟଙ୍କା ହିସାବ କରି ତାଙ୍କୁ ବିଲ୍ ଦେଇଥିଲୁ। ହେଲେ ଅବନୀତ୍ ଟଙ୍କା ଦେବାକୁ ମନା କରି ଆମେ ଅଳଙ୍କାରର ଫଟୋ ନିଜ ଇନଷ୍ଟା ଷ୍ଟୋରୀରେ ସେୟାର କରିଦେବେ ବୋଲି କହିଲେ। ହେଲେ ସେ ତାହା ବି କଲେ ନାହିଁ। ଏତେ ଲୋକପ୍ରିୟ ହୋଇ ଏଭଳି କରିବା ଶୋଭା ପାଉନାହିଁ।"

# ଯାତ୍ରା ଜଗତର ସଫଳ ଚିତ୍ରଶିଳ୍ପୀ ପ୍ରଭାତ ଜେନା

# ରକ୍ତ ଜୁଡୁବୁଡୁ ପ୍ରିୟଙ୍କା: ଫାଟିଲା ନାକ!

ବଲିଉଡର ଦେଶୀ ଗାର୍ଲ ତଥା ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା ଚୋପ୍ରା ଆହତ। ତାଙ୍କର ନାକ ଫାଟିଛି। ମୁହଁରେ ଆଘାତ ମଧ୍ୟ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ନଜର ଆସିଛନ୍ତି ପ୍ରିୟଙ୍କା। କେବଳ ସେତିକି ନୁହେଁ ତାଙ୍କ ହାତରେ ମଧ୍ୟ ଆଘାତ ଲାଗିଛି। ତାଙ୍କର ଏଭଳି କିଛି ଫଟୋ ଏବେ ସାମ୍ନାକୁ ଆସିଛି। ଯାହାକୁ ଦେଖି ତାଙ୍କ ଫ୍ୟାନ୍‌ମାନେ ଚିନ୍ତିତ ହୋଇପଡିଛନ୍ତି। ପ୍ରକୃତରେ ପ୍ରିୟଙ୍କା ଚୋପ୍ରାଙ୍କ ଯେଉଁ ଫଟୋ ସାମ୍ନାକୁ ଆସିଛି, ତାହା ହେଉଛି ତାଙ୍କ ଅପ୍‌କମିଂ ହଲିଉଡ ଫିଲ୍ମ 'ଦ ବ୍ଲଫ୍'ର ଶୁଟିଂ ସେଟ୍‌ର। ତାଙ୍କ ମୁହଁ ଓ ନାକରୁ ବାହାରୁଥିବା ରକ୍ତ ଅସଲି ନୁହେଁ। ନକଲି ରକ୍ତରେ ଜଡୁବୁଡୁ ଅବସ୍ଥାରେ ଅଭିନେତ୍ରୀ ନିଜ ଅପ୍‌କମିଂ ହଲିଉଡ ଫିଲ୍ମର ଏକ ଆକ୍ସନ ସିକ୍ୱେନ୍ସର ଶୁଟିଂ କରିଥିବା ବେଳେର ଦୃଶ୍ୟକୁ ଇନ୍‌ଷ୍ଟାଗ୍ରାରେ ସେୟାର କରିଛନ୍ତି। ଯାହା ସୋଶାଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଶୁଟିଂ ସେଟ୍‌ର କିଛି ଫଟୋ ଓ ବିଟିଏସ୍ ଭିଡିଓକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ପ୍ରିୟଙ୍କା କ୍ୟାପସନ୍‌ରେ 'ଦା ବ୍ଲଫରେ ବେଶ୍ ମଜା ଆସିଲା। ଶୁଟିଂର ଏହା ଶେଷ ସପ୍ତାହ ଥିଲା। ମୁଁ ଏକ ଫିଲ୍ମ ଶୁଟିଂ ସେଟ୍ ରେ ଅଛି ଏବଂ ଏହା ସବୁ ମେକଅପ୍ ଅଟେ।'ସେପଟେ ଏହି ଫଟୋ ସାମ୍ନାକୁ ଆସିବା ପରେ ପ୍ରିୟଙ୍କା ଚୋପ୍ରାଙ୍କ କିଛି ଫ୍ୟାନ୍ ଚିନ୍ତିତ ହୋଇ ପଡିଛନ୍ତି। ଜଣେ ୟୁଜର ଆପଣ ନିଜର ଯତ୍ନ ନିଅନ୍ତୁ କ୍ୱିନ୍ ବୋଲି ଲେଖିଛନ୍ତି। ସେହିପରି ଅନ୍ୟ ଜଣେ ୟୁଜର ହାର୍ଡ ୱର୍କିଂ ଲେଡି ବୋଲି ଲେଖିଛନ୍ତି ।ଏହାପୂର୍ବରୁ ଦ ଏକାଡେମୀ ଗ୍ରାଣ୍ଡ କେମାନ ମାର୍ଶଲ ଆର୍ଟ ସ୍କୁଲ ପ୍ରିୟଙ୍କା ଏବଂ ନ୍ୟୁଜିଲ୍ୟାଣ୍ଡର ଅଭିନେତା କାର୍ଲ ଅର୍ବନଙ୍କ ସହ ଏକ ଫଟୋ ସେୟାର କରି ଏହି ଫିଲ୍ମରେ କାମ କରିବା ସମୟରେ ପାଇଥିବା ଚମତ୍କାର ଅନୁଭୂତି ପାଇଁ ଉଭୟ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲା। କହିରଖୁ ଯେ, ପ୍ରିୟଙ୍କା ବର୍ତ୍ତମାନ ନିଜ ଅପ୍‌କମିଂ ଫିଲ୍ମ ଦ ବ୍ଲଫ୍‌ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଅଭିନେତ୍ରୀ ପ୍ରାୟତଃ ନିଜ ଇନଷ୍ଟାଗ୍ରାମରେ ଫିଲ୍ମର ଶୁଟିଂ ସେଟରୁ ପୋଷ୍ଟ ସେୟାର କରନ୍ତି। ପ୍ରିୟଙ୍କାଙ୍କ ଏହି ଫିଲ୍ମକୁ ନେଇ ଏବେ ଠାରୁ ହିଁ ଚାରିଆଡେ ଉତ୍ସାହର ମାହୋଲ



ରହିଛି। ଫ୍ୟାନ୍‌ମାନେ ତାଙ୍କର ଏହି ଫିଲ୍ମ ଦେଖିବାକୁ ପାଇଁ ଅପେକ୍ଷା କରି ରହିଛନ୍ତି।

ଓଡ଼ିଶାର ଯାତ୍ରା ଜଗତର ନମ୍ବର୍ ୱାନ୍ ତଥା ସଫଳ ଚିତ୍ରଶିଳ୍ପୀ ପ୍ରଭାତ ଜେନା ନିଜର କର୍ତ୍ତବ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରି ଆଗେଇ ଚାଲିଛନ୍ତି। ଭଦ୍ରକର ଚରମ୍ପାଠାରେ ରହିଛି ତାଙ୍କର ଅନୁଷ୍ଠାନ ପ୍ରଭାତ ଆର୍ଟସ । ସେ ସର୍ବଦା ନିଜର କର୍ମ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଅନ୍ତି । ତାଙ୍କର ପିତା ମାତାଙ୍କ ଆଶୀର୍ବାଦ ଓ ଈଶ୍ୱରଙ୍କ କୃପାରୁ ସେ ଆଜି ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛନ୍ତି । ପ୍ରଭାତଙ୍କ ଧର୍ମ ପତ୍ନୀ କଳ୍ପନା ଜେନା ସମାଜ ସେବା କରିବା ସହିତ ଭାରତୀୟ ଜନତା ପାର୍ଟିରେ ନାରୀ ନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଭାତଙ୍କ ଆର୍ଟ ସେଣ୍ଟର୍‌ରେ ଅନେକ ପିଲା କାର୍ଯ୍ୟ କରୁଛନ୍ତି । ଫ୍ଲେକ୍ସ, ହୋର୍ଡିଂ, ବେନର, ଡିଜିଟାଲ କାର୍ଡ ପ୍ରଭୃତି ଅନେକ ଡ଼ିଜାଇନିଂ କାମରେ ପ୍ରଭାତ ସିଦ୍ଧହସ୍ତ । କୋଣାର୍କ ଗଣନାଟ୍ୟ, ଶିବାନୀ ଗଣନାଟ୍ୟ, ତୁଳସୀ ଗଣନାଟ୍ୟ, ବାଘା ଯତୀନ ଲୋକନାଟ୍ୟ, ପାର୍ବତୀ ଗଣନାଟ୍ୟ, କଳିଙ୍ଗ ଗଣନାଟ୍ୟ ଯାତ୍ରା ରାଜ ନନ୍ଦିନୀ, ଅପେରା ସୂର୍ଯ୍ୟ ମନ୍ଦିର, ସ୍ୱର୍ଣ୍ଣ ମହଲ ପ୍ରଭୃତି ଅନେକ ଯାତ୍ରା ପାର୍ଟିରେ ଯାତ୍ରା ସଂସ୍ଥାରେ ପ୍ରଭାତ କାମ କରିଛନ୍ତି ଏବଂ ସୁନ୍ଦର୍ ଚିତ୍ର ଝଲସୁଛି ଓ ଆକର୍ଷଣୀୟ ହୋଇ ପାରିଛି । ଅନେକ ଦୁଃଖ, କଷ୍ଟ, ଯନ୍ତ୍ରଣା ସହି ସେ ମଣିଷ ହୋଇଛନ୍ତି ଓ ଜଣେ ଭଲ ଚିତ୍ରଶିଳ୍ପୀ ଭାବେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଅନେକ ଦୁଃଖୀ ଗରିବ ଲୋକଙ୍କୁ ସେ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ଥାନ୍ତି। ଅନେକ ସମୟରେ ସେ ବୃକ୍ଷରୋପଣ କରି ପରିବେଶକୁ ସୁରକ୍ଷା ଦେଇଥାନ୍ତି । ଯାତ୍ରା ଜଗତର ସଫଳ ଅଭିନେତା ଅଭିନେତ୍ରୀ ଦୈତାରି ପଣ୍ଡା, ଲୋକନାଥ ଲେଙ୍କା, ଦେବୀ ରଥ, ସୁରେଶ ପଣ୍ଡା, ବାପି ପଣ୍ଡା, ମହେନ୍ଦ୍ର ଦାସ ଭିକୁ ସେଠ୍, ବ୍ରଜ ପାଣି, ବିନୋଦ ନାଥ, ସୁବାସ ବେହେରା, ଲତା ମଣ୍ଡଳ, ମନ୍ଦାକିନୀ, ଡଲି ଭୂୟାଁ ପ୍ରମୁଖଙ୍କୁ ପ୍ରଭାତ ଅଧିକ ପସନ୍ଦ କରିଥାନ୍ତି । ଓଡ଼ିଶାର ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ନିଜର ଦକ୍ଷତା ଓ କୃତିତ୍ୱ ପାଇଁ ପ୍ରଭାତ ପୁରସ୍କାର ପାଇବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି । ଯାତ୍ରା, ସିନେମା,ସିରିଏଲ, ଆଲବମ କାମ କରି ମଧ୍ୟ ସେ ଝଲକ ସୃଷ୍ଟି କରିଛନ୍ତି । ହସ ହସ ମୁହଁ ଓ ମିଠା ମିଠା କଥାରେ ପ୍ରଭାତ ସମସ୍ତ ଙ୍କୁ ଅତି କମ୍ ସମୟ ରେ ଆପଣାର କରି ନିଅନ୍ତି । ଈଶ୍ୱରଙ୍କ



କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧

# ପଚ ପଚ କାଦୁଅ ରାସ୍ତାରେ ଫସିଲେ ବୋରିଗୁମ୍ମା ଜେଏମ୍‌ଏଫ୍‌ସି ବିଚାରପତି

ଜୟପୁର, ୦୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। କାଦୁଅ ପଚ ପଚ ରାସ୍ତାରେ ଫସିଲେ ବୋରିଗୁମ୍ମା ବ୍ଲକ ଜେ ଏମ୍ ଏଫ୍ ସି ବିଚାରପତି। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଖିଆଲ ଗୁଡାରୁ ଜାତୀୟ ରାଜପଥ ୬୩ କୁ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡିଛି। ରାସ୍ତାର ଅବସ୍ଥା କହିଲେ ନ ସରେ। ଏହି ରାସ୍ତା ଜାତୀୟ ରାଜପଥ ୬୩ କୁ ସଂଯୋଗ କରିବା ପାଇଁ ନିକଟତର ହେତୁ ଏହି ରାସ୍ତା ଉପରେ ୩ ଟି ଗ୍ରାମର ଲୋକେ ନିର୍ଭର କରିଥାନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ରାସ୍ତାରେ ପାଣି ଫ୍ୟାକ୍ଟ୍ରି, ଏଫ୍ ସି ଆଇ ଗୋଦାମ,ଜୁରାସି ପାର୍କ, ଏବଂ ବୋରିଗୁମ୍ମା ଜେ ଏମ୍ ଏଫ୍ ସି ବିଚାରପତିଙ୍କ ବାସଭବନ ରହିଛି। କିନ୍ତୁ ଆଜି ସୁଦ୍ଧା ବୋରିଗୁମ୍ମା ବ୍ଲକ ପ୍ରଶାସନ ଏହି ସମସ୍ୟାର ସମାଧାନ କରିପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘ ଦିନ ଧରି ଏହି ରାସ୍ତା ମରାମତି କରିବା ପାଇଁ ବୋରିଗୁମ୍ମା ବ୍ଲକ ପ୍ରଶାସନକୁ ସ୍ଥାନୀୟ ଗ୍ରାମବାସୀମାନଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଅବଗତ କରାଇଥିଲେ ମଧ ଆଜି ସୁଦ୍ଧା ଏହି ରାସ୍ତା ମରାମତି ହୋଇପାରି ନାହିଁ। ବ୍ଲକ ପ୍ରଶାସନ କୁମ୍ଭ ନିଦ୍ରାରେ ଶୋଇ ପଡିଥିବା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନେ ମତବ୍ୟକ୍ତ କରିଛନ୍ତି। ଦୀର୍ଘ ଦିନ ଧରି କୋରାପୁଟ ଜିଲ୍ଲାରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁଁ ଏହି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ବର୍ତ୍ତମାନ ଏହି ରାସ୍ତାରେ ଗାଡି ଚଳାଚଳ କରିବା ତୋ ଦୂର କଥା ପାଦରେ ଚାଲି ମଧ ଲୋକେ ଏହି ରାସ୍ତା ଦେଇ ଯାଇ ପାରୁ ନାହାନ୍ତି। ଏଭଳି ଅବସ୍ଥା ଓ ସଙ୍କଟାପନ୍ନ ହୋଇପଡିଛି। ପ୍ରବଳ ବର୍ଷାରେ ବେହାଲ ହୋଇପଡିଛି ଏହି ରାସ୍ତା। ଏବଂ ବର୍ଷା। ଜଳରେ ଆଣ୍ଠୁଏ ଲେଖାଏଁ ବଡ ବଡ ଗାତରେ ଜଳ ଭର୍ତ୍ତି ହୋଇଥିବା ବେଳେ ପଚ ପଚ କାଦୁଅରେ ପରିପୂର୍ଣ୍ଣ ଏହି ରାସ୍ତା। ଦୀର୍ଘ ଦିନ ଧରି ବ୍ଲକ ପ୍ରଶାସନକୁ ଏହି ରାସ୍ତା ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଗୁହାରି କରିଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ମଧ ବ୍ଲକ ପ୍ରଶାସନ ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଏବଂ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ତେବେ ବ୍ଲକ ପ୍ରଶାସନର କୁମ୍ଭ ନିଦ୍ରା ଭାଙ୍ଗିବ କେବେ ଏବଂ କେବେ ଏହି ରାସ୍ତା ମରାମତି ହେବ ତାହା ଏବେ ଦେଖିବାକୁ ବାକି ରହିଲା।

# ପୂର୍ବତନ ବିଜେଡି କାଉନସିଲର ପ୍ରଦୀପ ମୁନିଙ୍କ ପରଲୋକ

କନ୍ଧମାଳ, ୦୮/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବରିଷ୍ଠ ବିଜେଡି ନେତା, ଦଧିବାମନ ମନ୍ଦିର ସଭାପତି, ନାରାୟଣୀ ଯାତ୍ରା ପରିଚାଳନା କମିଟିର ଉପଦେଷ୍ଟା, ତଥା ଫୁଲବାଣୀ ମୁନିସିପାଲିଟିର ପୂର୍ବତନ କାଉନସିଲର ପ୍ରଦୀପ କୁମାର ମୁନିଙ୍କ ଦେହାନ୍ତ ଘଟିଛି। ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା । ମୃତ୍ୟୁ ଶଯ୍ୟାରେ ତାଙ୍କ ପତ୍ନୀ ଲୋପାମୁଦ୍ରା ମୁନି (ଫୁଲବାଣୀ ମୁନିସିପାଲିଟି) ର ପୂର୍ବତନ ଅଧ୍ୟକ୍ଷା ଉପସ୍ଥିତ ଥିଲେ । ସ୍ୱର୍ଗତ ପ୍ରଦୀପ ଛାତ୍ର ଜୀବନରୁ ହିଁ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ କରି,ସୁବିଧା ଅସୁବିଧାରେ ଲୋକଙ୍କୁ ସାହାଯ୍ୟ ପ୍ରଦାନ କରିବା ସତେ ଯେପରି ତାଙ୍କର ବ୍ରତ ଥିଲା ।ସେଥିପାଇଁ ଅଧିକାଂଶ ଯୁବପିଢ଼ି ତାଙ୍କର ଅନୁଗାମୀ ଥିଲେ । ଏପରି ଲୋକଙ୍କ ସେବା ଆରମ୍ଭ କରି ଜନତା ଦଳରେ ସାମିଲ ହୋଇ ବିଜେଡିର ବିଭିନ୍ନ ସଂଗଠନ ଦାଇତ୍ୱରେ ଥିଲେ । ସେଜଣେ ଭଲ ପରୋପକାରୀ, ସଂଗଠକ, କ୍ରୀଡ଼ାବିତ ସମାଜସେବୀ ଓ ରାଜନେତା ଭାବେ ସମସ୍ତଙ୍କ ନିକଟରେ ବେଶ ପରିଚିତ ଥିଲେ । ତାଙ୍କର ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା,ପୂର୍ବତନ ସାଂସଦ ଡ଼ ଅଚ୍ୟୁତ ସାମନ୍ତ, ବିଜେଡି ଜିଲ୍ଲା ସଭାପତି ଅଙ୍ଗଦ କଂହର କମଳା କାନ୍ତ ପାଣ୍ଡେ, ସରୋଜ କର୍ଣ୍ଣ ,ବିମଳ ପାଢୀ, କନ୍ଧମାଳ ସଂସାଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ପ୍ରଦୀପ କୁମାର ମୁନିଙ୍କ ଅକାଳ ବିୟୋଗ, ଫୁଲବାଣୀର ସମସ୍ତ ସଚେତନ ନାଗରିକଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ ଖବର। ଏହି ଅଳ୍ପ ବୟସରେ ପୂର୍ବତନ କାଉନସିଲ ତଥା ବରିଷ୍ଠ ବିଜେଡି ନେତାଙ୍କ ଦେହାନ୍ତ କନ୍ଧମାଳ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି। ସେ ଥିଲେ ଅତ୍ୟନ୍ତ ଅମାୟିକ ବ୍ୟକ୍ତି, ସମାଜସେବୀ ଓ ଅନ୍ୟର ମନ ବୁଝି ପାରୁଥିବା ସୃଷ୍ଟିର ସଂରଞ୍ଜନା। ତାଙ୍କର ଅକାଳ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସମସ୍ତଙ୍କୁ ଅନୁରୋଧ କରୁଛି, ଗର୍ବ ଅହଂକାରରୁ ଉର୍ଦ୍ଧ୍ୱକୁ ଉଠାନ୍ତୁ, ଆଜି କଥା କାଲିକି ନାହିଁ। ଯଥା ସମ୍ଭବ ସମାଜ ସେବାରେ ଧ୍ୟାନ ଦିଅନ୍ତୁ। ସେହି ଅମର ଆତ୍ମାର ଆତ୍ମାର ସଦଗତି କାମନା କରିବା ସହିତ, ଏହି ଦୁର୍ବଳ ସମୟରେ ଭଗବାନ ତାଙ୍କ ପରିବାରକୁ ଅସୀମ ସାହସ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ଶୋକ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧରେ ଯାତ୍ରା ପରିଚାଳନା କମିଟିର ସଭାପତି ସୁଧାଂଶୁ ସେନାପତି, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଆଇନଜିବି ରମେଶ ଚନ୍ଦ୍ର ମହାନ୍ତି, ଅରୁଣ ପଣ୍ଡା, ଅଶୋକ ମେକାପ, କିଶୋର ସୁବୁଦ୍ଧି, ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ,କେ ଡି ଏମ ଏଫ ର ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସମ୍ପାଦକ ଶିବ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଡଃ ଅରୂପ ଜେନା, ନାରାୟଣ ସାହୁ, ଆଇନଜୀବୀ ତଥା ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସନ୍ତୋଷ ଦିଗାଲ, ଗୋପାଳ କୃଷ୍ଣପଟ୍ଟନାୟକ, ପ୍ରଶାନ୍ତ କୁମାର ବେହେରା,ବିଜେପି ନେତା ଭଗବାନ ମହାନ୍ତି, କନ୍ଧମାଳ ପିପୁଲସ ଫୋରମ ସଭାପତି ରାଧାମୋହନ ମହାପାତ୍ର, ତଥା ଆଇନଜୀବୀ ପ୍ରତାପ ପାତ୍ର,ସତ୍ୟ ନାରାୟଣ ବେହେରା, ଅସୀମ ପ୍ରହରାଜ, ବାର ଆସୋସିଏସନ ସଭାପତି ନିରୋଦ ପାତ୍ର, ସମ୍ପାଦକ କୁଞ୍ଜ ବିହାରୀ ଶତପଥୀ, ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ ।

## କୋଣା ଗାଁରେ ହେଟା ବାଘ ଆତଙ୍କ

ଜୟପୁର, ୦୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କଣା ଗାଁ ନିକଟରେ ଥିବା ଏକ ଜଙ୍ଗଲରୁ ବାଟବଣା ହୋଇ ଚାଲି ଆସିଛି ଏକ ହେଟା ବାଘ। ସ୍ଥାନୀୟ ଅଞ୍ଚଳରେ ଦୌଡି ଦୌଡି ଘୁରି ବୁଲୁଛି। ଯାହା ଫଳରେ କି ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ହୋଇ ରହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି ଏହି ହେଟା ବାଘ। ଫଳରେ ବନ ବିଭାଗର ସାହାଯ୍ୟ ଲୋଡ଼ିଛନ୍ତି ସ୍ଥାନୀୟ ଗ୍ରାମବାସୀ।

# ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ମୋଟୁ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କଲେ ସ୍ୱତନ୍ତ୍ର ଟିମ୍

ମାଲକାନଗିରି, ୦୮/୦୮ (ନି.ପ୍ର): ଆନ୍ଧ୍ରପ୍ରଦେଶର ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ମାଲକାନଗିରି ଜିଲ୍ଲାର ମୋଟୁ ଅଂଚଳ ଗସ୍ତ କରିଛି ସ୍ଥିତି ଅନୁଧ୍ୟାନ କରିଛି ସ୍ୱତନ୍ତ୍ର ଅନୁସନ୍ଧାନ ଟିମ। ଏହି ଟିମ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କ ନେତୃତ୍ୱରେ ମୋଟୁ ତହସିଲର ମୋଟୁ, ବିନାୟକପୁର, ଆଲମା, ମୋଟୁର ସଙ୍ଗମସ୍ଥଳ ମୁଗୀ ପଏଣ୍ଟ ଓ ଛତିଶଗଡ଼ ଦ୍ୱାରା ନିର୍ମିତ ସାବେରୀ ସେତୁ ପରିଦର୍ଶନ କରି ଲୋକଙ୍କ ସହିତ ଆଲୋଚନା କରିଥିଲେ। କୌଣସି କ୍ଷୟକ୍ଷତି ଆକଳନ ନ କରି ଆନ୍ଧ୍ର ସରକାର ପୋଲାଭରମ ପ୍ରକଳ୍ପ ନିର୍ମାଣ କରୁଥିବାରୁ ମୋଟୁର ତଳୁଆ ଅଂଚଳରେ ଥିବା ଗାଁ ଗଣ୍ଡା ସହ ଜଙ୍ଗଲ ଜମି ଓ ଚାଷ ଜମି ବୁଡିଯିବାର ଆଶଙ୍କା ରହିଛି ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ। ପୋଲାଭରମ ପ୍ରକଳ୍ପ ଶେଷ ହେବାକୁ ବସିଲାଣି ଅଥଚ ପ୍ରଭାବିତ ଅଂଚଳରେ ଜନ ଶୁଣାଣି ହୋଇନାହିଁ। ତେଣୁ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ସହିତ କ୍ଷତି ପୂରଣ ଦେବାକୁ କେନ୍ଦ୍ର ମନ୍ତ୍ରୀ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଟିମ୍ ରେ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଆମ ଜନତା ଅଧିକାର ସଂଗଠନର ଆବାହକ ମନୋଜ ଜେନା, ରାଜ୍ୟ ଅଭିଭାବକ ସଂଘ ଆବାହକ ବାସୁଦେବ ଭଟ, ପୂର୍ବତନ ବିଧାୟକ ନିମାଇଁ ସରକାର, କାଲିମେଳା ବ୍ଲକ ପୂର୍ବତନ ଅଧକ୍ଷ ମାଲା ମାଢି ପ୍ରମୁଖ ସାମିଲ ଥିଲେ। ଆସନ୍ତାକାଲି ବିଜେଡି ଦଳର ଏକ ରାଜ୍ୟ ସ୍ତରୀୟ ଟିମ ମୋଟୁ ଅଂଚଳ ଗସ୍ତ କରିବା ପୂର୍ବରୁ କଂଗ୍ରେସ ଦଳ ନେତୃତ୍ୱରେ ଆଜି ଏହି ଟିମ ମୋଟୁ ଅଂଚଳ ଗସ୍ତ କରି ଫେରି ଯାଇଥିବାରୁ ଆଗକୁ ପୋଲାଭରମକୁ ରାଜନୀତି ସରଗରମ ହେବାର ଅନୁମାନ କରାଯାଉଛି। ଉକ୍ତ ଟିମ ମୋଟୁ ଅଞ୍ଚଳ ଯିବା ପୂର୍ବରୁ ମାଲକାନଗିରି ଜିଲ୍ଲାପାଳ ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ଭେଟି ଆଲୋଚନା କରିଥିଲେ।

# କୋରାପୁଟ ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଜୟପୁର, ୦୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା କୋରାପୁଟ ପୌରପାଳିକା ପ୍ରେକ୍ଷାଗୃହ ଠାରେ ଆଜି ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ସମସ୍ତ ତହସିଲଦାର ଓ ବିଡ଼ିଓ ମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଏହି ସର୍ବେକ୍ଷଣ ଦ୍ୱାରା କେଉଁ କୃଷକ କେତେ ପରିମାଣର ଚାଷ କରିଛନ୍ତି ତାହା ସଠିକ ଜଣାପଡିବ ପଡିବ ବୋଲି ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତି କହିଛନ୍ତି। ଏହାଦ୍ୱାରା ସରକାରୀ ଯୋଜନା ଗୁଡ଼ିକର ସଠିକ ରୂପାୟନ ହୋଇପାରିବ ବୋଲି ସେ କହିଛନ୍ତି। ଆସନ୍ତା ଜୁଲାଇ ୧୫ ତାରିଖରୁ ସେପ୍ଟେମ୍ବର ମାସ ୧୫ ତାରିଖ ପର୍ଯ୍ୟନ୍ତ ଫସଲ ସର୍ବେକ୍ଷଣ କରାଯିବ ବୋଲି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତି କହିଛନ୍ତି । କୋରାପୁଟ କହିଛ ଜିଲ୍ଲା ମୁଖ୍ୟାଳୟର ଏଏଓ ସ୍ୱପ୍ନେଲ ପାତ୍ର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କିମ ଅଫିସର ସଙ୍ଗୀତା ବେହେରା ଓ କାହ୍ନୁ ଚରଣ ଦାସ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ, କୋରାପୁଟ ତହସିଲଦାର ସହୀଦ ସବିର ସାହା, ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ଜୟପୁର ତହସିଲଦାର ମୋନାଲିସା ଆଚାର୍ଯୀ ଙ୍କ ସହ ଜିଲ୍ଲାର ସମସ୍ତ ତହସିଲଦାର ଓ ବିଡ଼ିଓ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପୋଲିସ ବନ୍ଧୁକରୁ ଗୁଳି ଫୁଟି ପିଏସଓଙ୍କ ସମେତ ୨ ମୃତ ଘଟଣା: ଏପଟେ ପୋଲିସ ସେପଟେ ରାଜନେତାଙ୍କ ସୁରକ୍ଷା କର୍ମୀ ଘଟଣାକୁ ନେଇ ଅନେକ ପ୍ରଶ୍ନ

ସୁବର୍ଣ୍ଣପୁର , ୦୮/୦୮ (ନି.ପ୍ର): ଗତକାଲି ମଙ୍ଗଳବାର ସନ୍ଧ୍ୟା ରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଭଣ୍ଡାର ପଞ୍ଚାୟତ ଅଧିନସ୍ଥ ଚୁଲିମାଲ ଗ୍ରାମରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିମାଡ଼ରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଙ୍କ ନୂତନ ପିଏସଓ ଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଦୁଇଜଣ ହେଲେ ପିଏସଓ ମନୋଜ ଝାଙ୍କର ଓ ସଂପର୍କୀୟ ଭାଇ ଶେଷଦେବ ଝାଙ୍କର। ଏହି ଘଟଣା ପ୍ରଘଟ ହେବାପରେ ତୁରନ୍ତ ଆମ୍ବୁଲାନ୍ସକୁ ଖବର ଦିଆଯାଇ ଉଭୟଙ୍କୁ ଚିକିତ୍ସା ପାଇଁ ସନ୍ଧ୍ୟା ପ୍ରାୟ ୭ ଘଣ୍ଟା ସମୟରେ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ ମନୋଜ ଏବଂ ଶେଷଦେବ ଉଭୟ କାକା ପୁଅ ଭାଇ ଅଟନ୍ତି। କେଉଁ କାରଣରୁ ଏଭଳି ଦୁଃଖଦ ଘଟଣା ଘଟିଲା ତାହା ଏବେ ଯାଏ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ଗତକାଲି ଚୁଲିମାଲ ଗାଁ ମୁଣ୍ଡରେ ଥିବା ଏକ ଫାର୍ମ ରେ ପିଏସଓ ମନୋଜ ଝାଙ୍କର କାକା ପୁଅ ଶେଷଦେବ ଓ ଆଉ ଚାରି ଜଣ ସାଙ୍ଗ ମିଶି ଭୋଜି ଭାତ କରିଥିଲେ। ଭୋଜି ଭାତ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ବେଳେ ମନୋଜ ପୋଲିସ କର୍ମଚାରୀ ପୁଣି ବିଧାୟକ ନିରଞ୍ଜନ ପୂଜାରୀଙ୍କ ପିଏସଓ ଥିବାରୁ ସେହି ପାଖକୁ ଗ୍ରାମବାସୀ କେହି ଯାଇ ନ ଥିଲେ କିନ୍ତୁ ସନ୍ଧ୍ୟାରେ ଉଭୟଙ୍କ ଗୁଳିବିଦ୍ଧ ମୃତ ଦେହ ଗ୍ରାମ ମୁଣ୍ଡରେ ଥିବା ପଡିଆ ରେ ପଡ଼ିଥିବା ଡେଖି ବାକୁ ମିଳିଥିଲା। ଘଟଣାସ୍ଥଳରେ ମନୋଜଙ୍କ ସର୍ଭିସ ରିଭଲଭର ଓ ଏକ ଅଫୁଟା ଗୁଳି ପଡ଼ିଥିବା ବେଳେ କେଉଁ ପରିସ୍ଥିତିରେ ଗୁଳି ଫୁଟିଲା ? କିଏ କାହିଁକି ଗୁଳି ଚଳାଇଲା ତାହା ଜଣାପଡ଼ି ନାହିଁ। ଖବର ପାଇ ବିନିକା ପୋଲିସ ଘଟଣାସ୍ଥଳରୁ ଉଭୟଙ୍କ ମୃତ ଦେହ ଉଦ୍ଧାର କରିଥିବା ବେଳେ ସୁବର୍ଣ୍ଣପୁର ଏସପି ୟସ ପ୍ରତାପ ଶ୍ରୀମାଲ, ଏସଡିପିଓ ପ୍ରତାପ କେଶରୀ ତ୍ରିପାଠୀ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରୁଛନ୍ତି । ରାତି ୯ଟାରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବିନିକାରେ ପହଞ୍ଚିଛନ୍ତି। ଅପରପକ୍ଷେ ଘଟଣା ସମ୍ପର୍କରେ କେହି ମଧ ମୁହଁ ଖୋଲୁ ନାହାନ୍ତି। ଏଣେ ପୋଲିସ ସମ୍ପୃକ୍ତି ରହୁ ଥିବାରୁ ଏନେଇ ପୁଲିସ ମଧ ମନା କରିଦେଇ ତଦନ୍ତ ଚାଲୁଥିବା ଓ ଅତି ଶୀଘ୍ର ଘଟଣା ଜଣାପଡ଼ିବା ନେଇ ସୂଚନା ଦେଇଛି। ମନୋଜ୍ ଝକ୍ଷଙ୍କର ଗୋଟେ ପଟେ ଜଣେ ବିଚକ୍ଷଣ ରାଜ ନେତା ଙ୍କ ପି ଏସ ଓ ଆଉ ଗୋଟେ ପଟେ ପୋଲିସ କର୍ମଚାରୀ ହୋଇ ଥିବା ରୁ ଘଟଣା ର ପ୍ରକୃତ ସତ୍ୟା ସତ୍ୟ ର ପର୍ଦ୍ଦା ଫାସ ହୋଇ ପାରିବ ତ ? ଲୋକେ ପ୍ରଶ୍ନ କରିଛନ୍ତି ଓ ନିରପେକ୍ଷ ତଦନ୍ତ ପାଇଁ ଦାବୀ କରିଛନ୍ତି କ୍ଷ ଡିଉଟି ରେ ନ ଥାଇ ବି ପି ଏସ ଓ ରିଭଲଭର୍ ରଖି ପାରିବେ ବୋଲି ସାମ୍ବାଦିକଙ୍କ ପ୍ରଶ୍ନ ରେ ଏଡିପିଓ କହିଥିଲେ । ୨୦୨୪ ରେ ସୁବର୍ଣ୍ଣପୁର ଜିଲ୍ଲାରେ ଏଭଳି ଅନେକ ଅପରାଧ ହତ୍ୟା କାଣ୍ଡ ବୃଦ୍ଧି ପାଉଥିବାରୁ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଯା ଫଳରେ କି ସଧାରଣ ଲୋକେ ଅସୁରକ୍ଷିତ ମଣୁଛନ୍ତି ।

## ଯନ୍ତାରେ ପଡ଼ିଲା ଉତପାତିଆ ଜଙ୍ଗଲୀ ଭାଲୁ

ଜୟପୁର, ୦୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଆଉଁଳି ଫାର୍ମ ହାଉସରେ ଆତଙ୍କ ଖେଳାଉଥିବା ଭାଲୁ କୁ ଟ୍ରଙ୍କୁଲାଇଜ ଟିମ ର ସହାୟତା ରେ ଆୟତ କରି ପିଞ୍ଜରା ରେ ଭର୍ତି କରିଛି ବୋରିଗୁମ୍ମା ବନବିଭାଗ। ଦୁଇ ଦିନ ହେବ ଆଉଁଳି ଫାର୍ମ ହାଉସ ମଧରେ ଆତଙ୍କ ଖେଳାଉ ଥିଲା ଏହି ଭାଲୁ। ଭାଲୁ ଭୟରେ ଫାର୍ମ ହାଉସର ୧୦୦ଜଣ ଶ୍ରମିକ କାମ ବନ୍ଦ କରି ରହିଥିଲେ। ଆଜି ସନ୍ଧ୍ୟା ରେ ଭାଲୁଟିକୁ ଅଚେତ ଇଞ୍ଜେକ୍ସନ ଦେଇ ଜାଲରେ ଗୋଡ଼ାଇ ପିଞ୍ଜରା ଭିତରେ ବନ୍ଦ କରାଯାଇଛି। ଭାଲୁ ଟିକୁ ଆଜି ବୋରିଗୁମ୍ମା ରେଞ୍ଜ ଅଫିସରେ ରଖା ଯିବା ନେଇ ସୂଚନା ମିଳିଛି। ଭାଲୁ କୁ କାବୁ କରିବା ସମୟ ରେ ଜଣେ ବନ କର୍ମଚାରୀ ଙ୍କୁ ଭାଲୁ କାମୁଡି ଥିବା ଜଣା ପଡ଼ିଛି।

# ବିପିଏଲ ହିତାଧିକାରୀଙ୍କ ୫୨ ହଜାର ଟଙ୍କାର ବିଦ୍ୟୁତ ବିଲ: ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ହିତାଧିକାରୀ

ମାଲକାନଗିରି, ୦୮/୦୮ (ନି.ପ୍ର): ବିପିଏଲ ହିତାଧିକାରୀ, ହେଲେ ବିଦ୍ୟୁତ ବିଲ ୫୨ ହଜାର ଟଙ୍କା। ଶୁଣିଲା ବେଳକୁ ମୁଣ୍ଡ ଘୁରି ଯାଉଛି । କେମିତି ଦେବେ ସେଇ ଚିନ୍ତାରେ ପରିବାର । ଆଉ କିଛି ବାଟ ନପାଇ ଟିପିଏସଓଡିଏଲ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ପିଲାଛୁଆଙ୍କୁ ଧରି ଧାରଣାରେ ବସିଛନ୍ତି ହିତାଧିକାରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରିରେ। ମାଲକାନଗିରି ସଦର ମେଡିକାଲ କଲୋନୀର ବାସିନ୍ଦା ଚକ୍ରଧର ସୁନାନି । ୫ ବର୍ଷ ପୂର୍ବରୁ ବିପିଏଲ ହିତାଧିକାରୀ ହିସାବରେ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। କିନ୍ତୁ ମାସକୁ ମାସ ବିଲ ଆସିନଥିଲା। ଏନେଇ ଚକ୍ରଧର ଯାଇ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କୁ କହିଥିଲେ। କିନ୍ତୁ ଏନେଇ ସେ କୌଣସି ପଦକ୍ଷେପ ନେଇନ ଥିଲେ। ଏଭଳି ପାଖାପାଖି ୫ ବର୍ଷ ଚାଲିଯାଇଥିଲା। ଶେଷର ଅନୁରୋଧ କରିବା ପରେ ତାଙ୍କୁ ଆଧାର କାର୍ଡ କପି ଦାଖଲ କରିବାକୁ କୁହାଯାଇଥିଲା । କିନ୍ତୁ ଏହାପରେ ଯାହା ହେଲା ସେଥିରେ ଚକ୍ରଧର ଓ ତାଙ୍କ ପତ୍ନୀଙ୍କ ହୋସ୍ ଉଡିଯାଇଥିଲା । ଏକାଥରେ ବିଦ୍ୟୁତ ବିଲ ଆସିଥିଲା ୫୨ ହଜାର ଟଙ୍କା। ହେଲେ ଏତେ ଟଙ୍କା ଆଣିବେ କେଉଁଠୁ , କେମିତି ବାନ୍ଧିବେ ଏତେ ଟଙ୍କା । ଏନେଇ ଜଣାଇବା ପରେ ବି କିଛି ଶୁଣିନଥିଲେ ବିଭାଗୀୟ ଯନ୍ତ୍ରୀ । ଟଙ୍କା ଭରିବାକୁ ୧୫ ଦିନ ସମୟ ମାଗିଥିଲେ ବି ମାତ୍ର ୩ ଦିନରେ ତାଙ୍କ ଘର ବିଦ୍ୟୁତ ସଂଯୋଗ କାଟିଦେଇଥିଲେ । ଏଥିରେ ଅତିଷ୍ଠ ହୋଇ ନ୍ୟାୟ ପାଇବାକୁ ଟିପିଏସଓଡିଏଲ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ପିଲାଛୁଆଙ୍କୁ ଧରି ବର୍ଷା ରେ ଧାରଣାରେ ବସିଛନ୍ତି ପୁରା ପରିବାର । ଗୁହାରୀ ନଶୁଣିବା ଯାଏଁ ଧାରଣାରୁ ଉଠିବେ ନାହିଁ ବୋଲି ଜିଦ ଧରିଛନ୍ତି।

# ଫାଇଲେରିଆ ନିରାକରଣ ଅଭିଯାନ ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୦୮/୦୮ (ନି.ପ୍ର): ଆଜି ଏସଏସଏ ସମ୍ମିଳନୀ କକ୍ଷ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜାୟର ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଫାଇଲେରିଆ ନିରାକରଣ ଅଭିଯାନ ଅନ୍ତର୍ଗତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ସମ୍ବଲପୁର ରେ ଶତ ପ୍ରତିଶତ ଫାଇଲେରିଆ ଔଷଧ ସେବନ କିପରି ହୋଇ ପାରିବ ଏବଂ କେଉଁ ମାନେ ଓ କଣ କଣ ଔଷଧ ସେବନ କରିବେ ସେ ବିଷୟ ରେ ଆଲୋଚନା କରିଥିଲେ। ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚଳିତ ମାସ ଅଗଷ୍ଟ ୧୦ ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି, ଆଲବେଣ୍ଡାଜୋଲ ଓ ଆଇଭରମେକଟିନ ଔଷଧ ବଣ୍ଟନ ର ବ୍ୟବସ୍ଥା କରାଯାଇଛି। ଏହି ଔଷଧ କୁ ଆଶା କର୍ମୀ,ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଛାସେବୀ ଙ୍କ ଉପସ୍ଥିତିରେ କେବଳ ଖାଦ୍ୟ ଖାଇ ସାରିବା ପରେ ଖାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୬ ବର୍ଷ ରୁ ଉର୍ଦ୍ଧ ସମସ୍ତ ଯୋଗ୍ୟ ଲୋକମାନେ ଡି.ଇ.ସି, ଆଲବେଣ୍ଡାଜୋଲ ଓ ଆଇଭରମେକଟିନ ଔଷଧ ଖାଇପାରିବେ କିନ୍ତୁ ୨ ବର୍ଷ ରୁ ୫ ବର୍ଷ ଶିଶୁ କେବଳ ଡି.ଇ.ସି ଓ ଆଲବେଣ୍ଡାଜୋଲ ଖାଇବେ। ଗର୍ଭବତୀ ମହିଳା, ୨ ବର୍ଷ ରୁ କମ ଶିଶୁ, ଗୁରୁତର ଅସୁସ୍ଥ ରୋଗୀ ଓ ମା ( ଶିଶୁ ଜନ୍ମ ର ଏକ ସପ୍ତାହ ମଧ ରେ) ଙ୍କୁ ଏହି ବଟିକା ସେବନ କରିବାକୁ ବାରଣ କରଯାଇଛି। ଆଶା କର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଙ୍କ ଦ୍ୱାରା ଘର କୁ ଘର ବୁଲି ଔଷଧ ଦେବା ସହ ସ୍କୁଲ, କଲେଜ,ଜେଲ, କାରଖାନା ଓ ଅଫିସ ମାନଙ୍କରେ ମୋବାଇଲ ଟିମ ଙ୍କ ଦ୍ୱାରା ଔଷଧ ବଣ୍ଟନ ର ବ୍ୟବସ୍ଥା କରାଯାଇଛି। ଆମ ଜିଲ୍ଲା ରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୯ ଟି ଇମ୍ପଲିମେଣ୍ଟେସନ ଇଉନିଟ କରାଯାଇଛି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ରେ ସମୁଦାୟ ୧୧୧୧୨୫୭ ଲୋକ ଙ୍କୁ ଔଷଧ ବଣ୍ଟନ କରାଯିବ।

# କୋରାପୁଟ ଖୁବ୍‌ଶୀଘ୍ର ଜାରି କରିବ ପିଜିଏସ୍ ପ୍ରମାଣିକୃତ ଜୈବିକ ଉତ୍ପାଦ

ଭବାନୀପାଟଣା, ୦୮/୦୮ (ନି.ପ୍ର): ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜୈବିକ ଓ ପ୍ରାକୃତିକ କୃଷି କେନ୍ଦ୍ର ପକ୍ଷରୁ କୋରାପୁଟ ଲକ୍ଷ୍ମୀପୁରସ୍ଥିତ ବିପିକେପି କ୍ଲଷ୍ଟର ଏଫ୍ଆଇଏସି ସୌଧରେ ସହଭାଗୀ ଗ୍ୟାରେଣ୍ଟି ବ୍ୟବସ୍ଥା(ପିଜିଏସ୍) ଉପରେ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ ଆରଆରଟିଟିଏସର ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ। ଉଦ୍ଘାଟନୀ ଦିବସରେ ଭୁବନେଶ୍ୱର ସ୍ଥିତ ଆରସିଓଏନଏଫର ସହକାରୀ ନିର୍ଦ୍ଦେଶକ ଏସ୍ ଆର୍ ଇଙ୍ଗଲେ ପିଜିଏସ୍ ପ୍ରମାଣିକୃତ ଏବଂ ଜୈବିକ କୃଷିରେ ଏହାର ଗୁରୁତ୍ୱ ଉପରେ ପ୍ରଶିକ୍ଷଣ ଦେଇଥିଲେ। କୋରାପୁଟରେ ୧୦୦୦ ହେକ୍ଟର ପରିମିତ ଅଞ୍ଚଳରେ ୫୦ଟି କ୍ଲଷ୍ଟରର ୧୦୦୦ରୁ ଅଧିକ ଚାଷୀ ୨୦୨୨ରୁ ପିଜିଏସ୍ ବ୍ୟବସ୍ଥାରେ ପଞ୍ଜିକୃତ ହୋଇଛନ୍ତି ଏବଂ ବର୍ତ୍ତମାନ ସେମାନେ ସଂଯୋଜନାର ତୃତୀୟ ବର୍ଷରେ ଅଛନ୍ତି ଏବଂ ଜୈବିକ ପଦ୍ଧତିରେ ଉତ୍ପାଦିତ ଫସଲରୁ ସେମାନଙ୍କର ବ୍ରାଣ୍ଡ୍ ପ୍ରତିଷ୍ଠା କରିବାର ସୁଯୋଗ ରହିଛି । ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏଡିଏ ଶ୍ରୀ. କାହ୍ନୁ ଚରଣ ଦାସ, ଶ୍ରୀ. ଏଡିଓ ଏମ୍ ପ୍ରକାଶ ରାଓ, ଏଡିଏ ଡ. ଶୁଭଶ୍ରୀ ବନ୍ଦିତା, ସହକାରୀ ନିର୍ଦ୍ଦେଶକ ଡ. ପର୍ଶୁରାମ ଶିଆଳ ଓ ବିଏଓ ଶ୍ରୀ. ସୂର୍ଯ୍ୟକାନ୍ତ ନାୟକ ଜୈବିକ କୃଷି ଓ ଜୈବିକ ପ୍ରମାଣିକୃତ ଉତ୍ପାଦ ପାଇଁ ପ୍ରୋତ୍ସାହନ ଓ ସଚେତନତା ସୃଷ୍ଟି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର, ୦୮/୦୮ (ନି.ପ୍ର): ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ଠାରେ ଆଜି ଏନସିସି, ଏନଏସଏସ, ଓାଇଆରସି ଓ ମାଇ ହାର୍ଟ ବିଟ ଫର ଅଦର୍ସ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଦେବି ପ୍ରସାଦ ମିଶ୍ର ଉଦଘାଟନ କରିଥିଲେ ଓ ରେଜିଷ୍ଟ୍ରାର ରଞ୍ଜନ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ । ଏହି ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ କେପଟେନ ଲକ୍ଷ୍ମଣ ପାତ୍ର, ଏନସିସି ଅଫିସର ଅରୁଣ କୁମାର ରୁଜ, ଏନଏସଏସ କୋଡିନେଟର ରୁସଭ କୁମାର ସାହୁ,ଓାଇଆରସି କୋଟିନେଟର ସହ ଏନସିସି, ଓାଇଆରସ. ଏନଏସଏସର ଛାତ୍ର ଛାତ୍ରୀ ରକ୍ତଦାନ କରିଥିଲେ । ଏହି କାଯ୍ୟକ୍ରମକୁ ମାଇ ହାର୍ଟ ବିଟ ଫର ଅଦର୍ଶର ମିହିର କର୍କରା ଓ ମେଡିକାଲ ଷ୍ଟାପ ମାନେ ସହଯୋଗ କରିଥିଲେ ।

# ଧର୍ମଶାଳା ବିଡିଓଙ୍କୁ ମିଶନ ଶକ୍ତି କର୍ମଚାରୀଙ୍କ ଦାବିପତ୍ର

ଧର୍ମଶାଳା, ୦୮/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ-କାଏମା ପଂଚାୟତ ମିଶନ ଶକ୍ତି ଟଙ୍କା ହେରଫେର ଅଭିଯୋଗରେ ମଙ୍ଗଳବାର ଦିନ କାର୍ଯ୍ୟାଳୟକୁ ସିଲ କରିଥିଲା ବ୍ଲକ ପ୍ରଶାସନ । ଆଜି ମିଶନ ଶକ୍ତି କର୍ମଚାରୀମାନେ ନିଜର ବକେୟା ଦରମା ପାଇବା ସହ କାର୍ଯ୍ୟାଳୟକୁ ଖୋଲିବା ନେଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ,ମିଶନ ଶକ୍ତି ଅଧିନରେ ଥିବା ସିଆରପି,ବ୍ୟାଙ୍କ୍ ମିତ୍ର ଏବଂ ଅନ୍ୟ କର୍ମଚାରୀମାନେ ୧୦ମାସ ହେବ ଦରମା ନ ପାଇବାରୁ ଧର୍ମଶାଳା ବ୍ଲକରେ ଥିବା ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ପରେ ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତ ମିଶନ ଶକ୍ତି ବ୍ୟାଙ୍କ ଖାତାର ଯାଂଚ କରାଯାଇଥିଲା । ଏହି ସମୟରେ ବ୍ୟାଙ୍କ ଖାତାରୁ ୨୦ଲକ୍ଷରୁ ଅଧିକ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ । ଏହି ଟଙ୍କା ସଭାପତି,ସମ୍ପାଦକ ଓ ଏମ୍‌ବିକେଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିବା ଜାଣିବାକୁ ପାଇଥିଲେ । ଏ ବିଷୟରେ ବ୍ଲକ ଓ ଧର୍ମଶାଳା ଥାନାରେ ଅଭିଯୋଗ କରାଯିବା ପରେ ଗତକାଲି କାଏମାସ୍ଥିତ ମିଶନ ଶକ୍ତି କାର୍ଯ୍ୟାଳୟକୁ ସିଲ କରାଯାଇଥିଲା । ଏବଂ ପୋଲିସ ଏହି ଘଟଣାରେ ସଭାପତିଙ୍କୁ ଗିରଫ କରିଥିଲା ।

# ତାଲୁକ ଆଇନ ସେବା ସମିତି ତରଫରୁ ସଚେତନତା ଶିବିର ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ, ୦୮/୦୮ (ନି.ପ୍ର): ପଟ୍ଟାମୁଣ୍ଡାଇ ତାଲୁକ ଆଇନି ସେବା ସମିତି ତରଫରୁ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ ଶ୍ରୀମତୀ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର କୋଷାଧକ୍ଷ ତଥା ପାନେଲ ଲୟାର ଧୀରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ କେନ୍ଦ୍ର ଓ ରାଜ୍ୟରେ ଥିବା ସରକାରଙ୍କର ସମସ୍ତ ଯୋଜନା କିପରି ହିତାଧିକାରୀ ମାନଙ୍କ ପାଖରେ ପହଁଚି ପାରିବ ଓ ସୁସ୍ଥ ସମାଜ ଗଠନ ହୋଇପାରିବ ଏହି ଉଦ୍ୟଶରେ ଆୱାରନେସ ପ୍ରୋଗ୍ରାମ, ପଟ୍ଟାମୁଣ୍ଡାଇ ବଡ଼ ମୁଲୁବସନ୍ତ ଗ୍ରାମପଂଚାୟତ ପରିସରରେରେ କରାଯାଇଅଛି, ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ବରିଷ୍ଠ ଆଇନିଜୀବି ପୂର୍ବତନ ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ ର ଉପସଭାପତି ସୁରେଶ କୁମାର ନରେନ୍ଦ୍ର ବଡ଼ ମୁଲୁବସନ୍ତ ପଂଚାୟତର ସରପଂଚ, ସଭ୍ୟା, ମିଶନ ଶକ୍ତିର ସମସ୍ତ ସଦସ୍ୟ, ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଲିଗାଲ ଏଡ଼ ର କର୍ମଚାରି ମୋହନ ଦାଶ, ପିଏଲଭି ସଭ୍ୟା ବବିତା ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ତାଲୁକ ଆଇନ ସେବା ସମିତି ସଚେତନତା କାର୍ଯ୍ୟକ୍ରମକୁ ସମସ୍ତେ ବହୁତ ପ୍ରଶଂସା କରିଥିଲେ ଶେଷରେ ଭବାନୀ ଶଙ୍କର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଜିଲ୍ଲାରେ ବାତଜ୍ୱର ନିରାକରଣ ଓ ସଚେତନତା ପାଇଁ ଗଣମାଧ୍ୟମ ସମ୍ବେଦନଶୀଳ କାର୍ଯ୍ୟକ୍ରମ



ବାରିପଦା, ୮/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଫାଇଲେରିଆ ବା ବାତଜ୍ୱର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଅଛି ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ, ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଏକ ଗଣମାଧ୍ୟମ ସମ୍ବେଦନଶୀଳ କାର୍ଯ୍ୟକ୍ରମ ଜିଲ୍ଲା ପ୍ରାଥମିକ ଆନ୍ତରିକତା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି, ବାତଜ୍ୱର ନିରାକରଣ ଏବଂ ଏହି ପରିପ୍ରେକ୍ଷୀରେ ଜନସଚେତନତା କିଭଳି ହୋଇପାରିବ ସେ ବିଷୟରେ ବିଶଦ ବିବରଣୀ ପାଇଥିଲେ।ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାକୁ କିଭଳି ତ୍ୱରାନ୍ୱିତ କରାଯିବ ଏବଂ ଏହି ପ୍ରକାର ପଦକ୍ଷେପକୁ କିଭଳି ଜନମାନସରେ ଆଦୃତ କରାଯିବ ସେ ବିଷୟରେ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡଃ ଶାନ୍ତନୁ କୁମାର ଦାଶ ଓ ଡଃ ଜ୍ଞାନେନ୍ଦ୍ର କୁମାର ମହାନ୍ତି ଆଲୋଚନା କରିଥିଲେ। ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ସଦୃଶ, ଏବଂ ସ୍ୱାସ୍ଥ୍ୟଗତ ସଚେତନତା ପାଇଁ ଗଣମାଧ୍ୟମର ବ୍ୟବହାର ପ୍ରକୃଷ୍ଟ ବୋଲି, ସମସ୍ତ ବରିଷ୍ଠ ଚିକିତ୍ସକ ଏହି ବୈଠକରେ କହିଥିଲେ। ସୂଚନା ଥାଉକି ଚଳିତ ବର୍ଷ, ଜନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ, ଜିଲ୍ଲାରେ ୨୮,୫୭,୦୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଏହି ସାର୍ବଜନୀନ ଔଷଧ ସେବନ ପ୍ରକ୍ରିୟାରେ ସାମିଲ କରାଇବା ପାଇଁ ପ୍ରଶାସନ ଉଦ୍ୟମ କରିଛି। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଥି ସହିତ ସମ୍ପ୍ରଦାୟ ସଚେତନତା ମାଧ୍ୟମରେ ଏବଂ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ। ଆଜିର ଏହି ବୈଠକ ମାଧ୍ୟମରେ ଜିଲ୍ଲାରେ କିପରି ଫାଇଲେରିଆ ନିଦାନ ପାଇଁ ପଦକ୍ଷେପ ସବୁ ନିଆ ଯାଉଛି ଏବଂ ପ୍ରତ୍ୟେକ ସର୍ବେକ୍ଷଣ ତଥ୍ୟକୁ କିଭଳି ଉପଯୋଗୀତାର ସହିତ ସମ୍ପାଦନା କରା ଯାଉଛି ସେ ବିଷୟରେ ଚିକିତ୍ସା ଅଧିକାରୀ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ।

## ଚାକିରୀ ହରାଇବା ଆଶଙ୍କାରେ ଏକ ହଜାର ସ୍ୱାସ୍ଥ୍ୟମିତ୍ର

କେନ୍ଦ୍ରାପଡ଼ା, ୮/୮ (ନି.ପ୍ର): ରାଜ୍ୟରେ ଥିବା ଏକ ହଜାର ସ୍ୱାସ୍ଥ୍ୟମିତ୍ର ଏବେ ଚାକିରୀ ହରାଇବା ଆଶଙ୍କାରେ ରହିଛନ୍ତି। ଏ ନେଇ ଓଡିଶା ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ସ୍ଥାନୀୟ ପବ୍ଲିକ ରିଡିଂ ରୁମ୍‌ରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ନିବେଦନ କରାଯାଇଛି। ସଂଘ ପକ୍ଷରୁ ନିବେଦନ କରାଯାଇଛି ଯେ ୨୦୧୯ ମସିହାରେ ସମଗ୍ର ରାଜ୍ୟରେ ୩୦ଟି ଜିଲ୍ଲାର ୭୦୦ରୁ ଅଧିକ ପଞ୍ଜୀକୃତ ବେସରାକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବା ପାଇଁ ସେମାନେ ନିଯୁକ୍ତି ପାଇଥିଲେ। ସେମାନଙ୍କର ବୟସ ପ୍ରାୟତଃ ୪୦ବର୍ଷ ଉପରେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରେ ଲୋକମାନେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଲେ ସେମାନେ ରୋଗୀ ଓ ସମ୍ପର୍କୀୟଙ୍କୁ ସ୍ୱାସ୍ଥ୍ୟ ବୀମା କରାଇବାରେ ସହଯୋଗ କରିଥାନ୍ତି। ସେମାନେ ସମସ୍ତେ ବାହ୍ୟ ଠିକା ସଂସ୍ଥା ଜରିଆରେ ସ୍ୱଳ୍ପ ବେତନରେ ଦିନରାତି କାର୍ଯ୍ୟ କରୁଛନ୍ତି। କିନ୍ତୁ ସରକାର ପରିବର୍ତନ ହେବା ପରେ କିଛିଦିନ ତଳେ ସ୍ୱାସ୍ଥ୍ୟ ବିଭାଗରୁ ଚିଠି ହୋଇଥିଲା ଯେ ସେପ୍ଟେମ୍ବର ୩୦ରେ ସେମାନଙ୍କ ଅବଧି ଶେଷ ହୋଇଯିବ। ଏହି ଭୟରେ ସ୍ୱାସ୍ଥ୍ୟମିତ୍ରମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତେଣୁ ଏକ ୫୦ ଜଣିଆ ପ୍ରତିନିଧି ମଣ୍ଡଳୀ ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍କୁ ଭେଟି ସେମାନଙ୍କ ଗୁହାରି କରିଥିବା ପ୍ରକାଶ କରିଛନ୍ତି। ସେମାନେ ପ୍ରତିଶ୍ରୁତି ଦେଇଥିଲେ ଯେ ଚାକିରୀ ଯିବ ନାହିଁ। କିନ୍ତୁ ଏ ନେଇ କୌଣସି ଲିଖିତ ପ୍ରତିଶ୍ରୁତି କିମ୍ବା ବିଭାଗ ପକ୍ଷରୁ କୌଣସି ପ୍ରତିଶ୍ରୁତି ମିଳି ନଥିବାରୁ ସେମାନେ ଏବେବି ଚାକିରୀ ହରାଇବା ଭୟରେ ରହିଥିବା ପ୍ରକାଶ କରିଛନ୍ତି। ଏଥିସହ ସେମାନଙ୍କ ଚାକିରୀର ସ୍ଥାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

# କୃମିମୁକ୍ତ ଓଡିଶା ଗଠନ ପାଇଁ ଅଭିଯାନ ଆରମ୍ଭ ହେବ

ଭୁବନେଶ୍ୱର, ୮/୮ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆରମ୍ଭ ହେବ 'କୃମିମୁକ୍ତ ଓଡିଶା ଗଠନ ପାଇଁ ଅଭିଯାନ। ଓଡିଶାରେ ଏକ କୋଟିରୁ ଅଧିକ ମହିଳା ଏବଂ ଶିଶୁଙ୍କୁ କୃମି ନାଶକ ଔଷଧ ଦିଆଯିବ। ଏ ନେଇ ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି। ପ୍ରଜନନକ୍ଷମ ବୟସର ମହିଳା ଏବଂ ଶିଶୁମାନଙ୍କୁ କୃମିମୁକ୍ତ କରିବା ପାଇଁ ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ଦ୍ୱାରା ଅଗଷ୍ଟ ୧୦ରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳା ଓ ଶିଶୁଙ୍କୁ କୃମିନାଶକ ଔଷଧ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି।ଅଗଷ୍ଟ ୧୦ ରେ କୃମି ନାଶକ ଔଷଧ ନେଇନଥିବା ହିତାଧିକାରୀମାନେ ଅଗଷ୍ଟ ୧୭ରେ ମପ୍- ଅପ୍ ରାଉଣ୍ଡରେ ଏହି ଔଷଧ ଖାଇବେ। କୃମିମୁକ୍ତ ଅଭିଯାନ ସହିତ ଭିଟାମିନ୍ -ଏ ସପ୍ଲିମେଣ୍ଟେସନ୍ ପ୍ରୋଗ୍ରାମ୍ ମଧ୍ୟ କାର୍ଯ୍ୟକାରୀ ହେବ । ଅଗଷ୍ଟ ମାସରେ ୯ ରୁ ୬୦ ମାସ ବୟସର ଶିଶୁମାନଙ୍କୁ ଭିଟାମିନ୍-ଏ କୁ ରୁଟିନ୍ ଇମ୍ୟୁନାଇଜେସନ୍ ସାଇଟ୍ ଏବଂ ସତନ୍ତ୍ର ଗ୍ରାମ ସାସ୍ଥ୍ୟ ପରିମଳ ଓ ପୋଷଣ ଦିବସରେ ଦିଆଯିବ । ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡକ୍ଟର ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି, " ଏନ୍‌ଡିଡି ସମୟରେ, ୬-୧୯ ବର୍ଷ ବୟସର ପିଲା ଏବଂ ୨୦-୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମିନାଶକ ବଟିକା ( ଆଲବେଣ୍ଡାଜୋଲ୍ ବଟିକା) ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀଙ୍କ ଦ୍ୱାରା ଯୋଗାଇ ଦିଆଯିବ । ଏଥିସହିତ ୧-୫ ବର୍ଷ ବୟସର ଶିଶୁମାନଙ୍କୁ ଆଲବେଣ୍ଡାଜୋଲ୍ ଦ୍ରବଣ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଯୋଗାଇ ଦିଆଯିବ। ଜାତୀୟ କୃମି ନାଶକ ଦିବସ(ଏନ୍‌ଡିଡି) ଅଗଷ୍ଟ ୨୦୨୪ ରାଉଣ୍ଡ,୧୯ଟି ଜିଲ୍ଲା- ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର, ବୌଦ୍ଧ, କଟକ, ଦେଓଗଡ଼, ଗଜପତି, ଜଗତସିଂପୁର, କେନ୍ଦ୍ରାପଡା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର, ନୂଆପଡା, ରାୟଗଡା ଏବଂ ପୁରୀରେ ଆୟୋଜିତ ହେବାକୁ ଯାଉଛି ।" ଲିମ୍ଫାଟିକ୍ ଫାଇଲାରିଆସିସ୍-ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ (ଏଲ୍‌ଏଫ୍‌ଏମ୍‌ଡିଏ) ଚିହ୍ନଟ କରାଯାଇଥିବା ଇମ୍ପ୍ଲିମେଣ୍ଟେସନ୍ ୟୁନିଟ୍ (ଆଇୟୁ) /ଅବଶିଷ୍ଟ ୧୧ଟି ଜିଲ୍ଲାର ବ୍ଲକ୍- ଅନୁଗୁଳ, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ସୋନପୁର, ସୁନ୍ଦରଗଡରେ ୧-୨ ବର୍ଷର ଶିଶୁମାନଙ୍କୁ ଏନ୍‌ଡିଡି ଅଧୁନରେ ଆଲ୍‌ବେଣ୍ଡାଜୋଲ୍ ଦ୍ରବଣ ଯୋଗାଇ ଦିଆଯିବ । ଏଲ୍‌ଏମ୍‌ଡିଏ ଦ୍ୱାରା ୧୧ଟି ଜିଲ୍ଲାର କାର୍ଯ୍ୟକାରୀ ହୋଇନଥିବା ଅବଶିଷ୍ଟ ବ୍ଲକଗୁଡିକରେ ଶିଶୁ ଏବଂ ମହିଳାମାନେ ଏନ୍‌ଡିଡି ଅଧୁନରେ କୃମିନାଶକ ଔଷଧ ଦିଆଯିବ ବୋଲି ଡକ୍ଟର ସାହୁ କହିଛନ୍ତି" ।ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଏନ୍‌ଡିଡି ଅଭିଯାନ କାର୍ଯ୍ୟକାରୀ ହେବ ଏବଂ ଆଲ୍‌ବେଣ୍ଡାଜୋଲ୍ ଔଷଧ ଦିଆଯିବ। ଏହି ଅଭିଯାନରେ ସମସ୍ତ ସରକାରୀ ଓ ସରକାରଙ୍କ ଦ୍ୱାରା ଅନୁମୋଦିତ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ଶିଶୁ ବାଟିକା ଓ ଶିଶୁ ଯନ୍ ଅନୁଷ୍ଠାନଗୁଡିକ ଅନ୍ତର୍ଭୁକ୍ତ ହେବେ ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ତଃଜିଲ୍ଲା ବଦଳିକୁ ନେଇ ଦମ୍ପତି ଶିକ୍ଷକଙ୍କ ତୀବ୍ର ଅସନ୍ତୋଷ

ଭୁବନେଶ୍ୱର, ୮/୮ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ତରଫରୁ ଗତକାଲି ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳି ପ୍ରସ୍ତାବକୁ ସରକାର ଅନୁମୋଦନ କରି ଆଦେଶ ପ୍ରଦାନ କରିବା ପରେ ଦମ୍ପତି ଶିକ୍ଷକଙ୍କ କ୍ଷେତ୍ରରେ ବଦଳିକୁ ଅନୁମୋଦନ ନ କରି ତାକୁ ଅଣଦେଖା କରିବା ପରେ ଦମ୍ପତି ଶିକ୍ଷକମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘଦିନର ଦାବି ପରେ ଚଳିତ ଥର ଏହି ଦମ୍ପତି ବଦଳି ପ୍ରକ୍ରିୟାକୁ ସରକାର ଗ୍ରହଣ କରି କେବଳ ଗଣଶିକ୍ଷା ବିଭାଗ ଅଧିନରେ କାର୍ଯ୍ୟରତ ଦମ୍ପତିମାନଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦେଇ ଅନ୍‌ଲାଇନ୍ ମାଧ୍ୟମରେ ଗୋଟିଏ ନିର୍ଦ୍ଦେଶନାମା ବଳରେ ସମସ୍ତ ପ୍ରକାର ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ କେବଳ ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳିକୁ ଅନୁମୋଦନ କରିବା କେତେଦୂର ସମିଚୀନ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ହୋଇଥାଆନ୍ତା ଏକାବେଳକେ ସମସ୍ତଙ୍କ ପାଇଁ ଆଦେଶ ପ୍ରକାଶିତ ହୋଇଥାଆନ୍ତା । କିନ୍ତୁ ଦୁଇଟି ଗ୍ରୁପ୍‌କୁ ସନ୍ତୁଷ୍ଟ କରାଯାଇଥିବା ବେଳେ କେବଳ ଦମ୍ପତି ଶିକ୍ଷକମାନଙ୍କୁ ଏଥିରୁ ଉପେକ୍ଷା କରିବା ଅଦୂରଦର୍ଶୀତାର ପରିଚୟ ଦେଉଛି । ନିଜ ପିଲା ଓ ପରିବାର ଠାରୁ ଦୂରରେ ରହି ବିଭିନ୍ନ ସମସ୍ୟା ଭୋଗୁଥିବା ଏବଂ ରୋଗ ଯନ୍ତ୍ରଣାରେ ପୀଡିତ ଅନେକ ଦମ୍ପତିଙ୍କୁ ଯଦି ବଦଳି କରାଯାଏ ତେବେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଘରଭଡ଼ା ଭ । ମଧ ଅନେକାଂଶରେ ସଂଚିତ ହୋଇପାରିବ ବୋଲି ଜଣାଯାଇଛି । ଓଡ଼ିଶା ଦମ୍ପତି ଶିକ୍ଷକ ସଂଘର କର୍ମକର୍ତା ସୁବ୍ରତ କୁମାର ପ୍ରଧାନଙ୍କ କହିବା କଥା ଯେ ଆଗାମୀ ଦିନରେ ନୂତନ ଭାବରେ ୨୦ ହଜାର କନିଷ୍ଠ ଶିକ୍ଷକମାନଙ୍କୁ ନିଯୁକ୍ତ କରିବାକୁ ସରକାର ଘୋଷଣା କରିଛନ୍ତି । ଏହା ପୂର୍ବରୁ ଯଦି ବଦଳି ପ୍ରକ୍ରିୟାକୁ ସମାପନ କରା ନଯାଏ ତେବେ କେଉଁ ବିଦ୍ୟାଳୟରେ କେତେ ପଦବୀ ଖାଲି ରହୁଛି, ତାର ହିସାବ କରିବା କଷ୍ଟକର ହେବ । ଶିକ୍ଷକ ନିଯୁକ୍ତି ପରେ ବଦଳି କଲେ ଅନେକ ବିଦ୍ୟାଳୟ ଶିକ୍ଷକ ବିହୀନ ହୋଇରହିବେ ଏବଂ ଅନେକ ସମସ୍ୟା ସୃଷ୍ଟି ହେବ । ତେଣୁ ନୂତନ ନିଯୁକ୍ତି ପୂର୍ବରୁ ଏହି ଦମ୍ପତିମାନଙ୍କୁ ବଦଳି କରାଯିବା ନିହାତି ଆବଶ୍ୟକ । ରାଜ୍ୟସଂଘର ଅନେତମ କର୍ମକର୍ତା ସୁକାନ୍ତ ମଣ୍ଡଳଙ୍କ କହିବା କଥା ଯେ ସରକାର ସମସ୍ତଙ୍କ ପାଇଁ ବିଚାର କରୁଥିଲା ବେଳେ ଚିର ଅବହେଳିତ ପ୍ରାଥମିକ ଶିକ୍ଷକମାନଙ୍କର ଆନ୍ତଃ ଜିଲ୍ଲା ବଦଳୀ ସମସ୍ୟାକୁ ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ରାଜ୍ୟସଂଘର ଉପଦେଷ୍ଟା ରବି ନାରାୟଣ ପଲେଇ, ଅକ୍ଷୟ କୁମାର ସେଠୀ, ରଜନୀ କାନ୍ତ ପ୍ରହରାଜ, ଚନ୍ଦ୍ରଶେଖର ମୁଦୁଲି, ଟି. ରାଜାରାମ ପାତ୍ର, ତେଜେସ୍ ରଂଜନ ପ୍ରଧାନ, ରାଜେନ୍ଦ୍ର କୁମାର ବେହେରା, ଗୋପାଳ ଚନ୍ଦ୍ର ମିଶ୍ର, ପ୍ରମୁଖ ତୁରନ୍ତ ଏହି ସମସ୍ୟାକୁ ପ୍ରାଥମିକତା ଭିତିରେ ଗ୍ରହଣ କରି ଦମ୍ପତି ଶିକ୍ଷକମାନଙ୍କ ବଦଳି ପକ୍ରିୟାକୁ ଅନୁମୋଦନ କରାଯିବାକୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି ।

## ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା, ୮/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସି.ପି.ଆଇ.(ଏମ୍) ପାର୍ଟି ତରଫରୁ ପଶ୍ଚିମବଙ୍ଗର ପଲିଟି ବ୍ୟୁରୋ ସଭ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ସାଥୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଏକ ଶୋକ ସଭା ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂପାଦକ ଗୟାଧର ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକ ସଭାରେ ଜଗତ ଜୀବନ ଦାଶ, କାଳି ପ୍ରସାଦ ନାୟକ, ନରୋତମ ପାର୍ଥ ସାରଥୀ, ନଳିନୀ ପ୍ରଭା ତରାଇ, ରନ୍ଞ୍ଜୟ ମଲିକ, ଧୀବର ବେହେରା, ଭୀମସେନ ବେହେରା, ସୋମନାଥ ବିଶ୍ୱାଳ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ମାଧବ ଦାସ, ବିଜୟ ଦାସ ପ୍ରମୁଖ ଉପସ୍ଥିତ ରହି ସି.ପି.ଆଇ.(ଏମ୍) ପାର୍ଟିର ପତାକା କୁ ପାର୍ଟି କାର୍ଯ୍ୟାଳୟ ରେ ଅର୍ଦ୍ଧ ନିମିତ ରଖିବା ସହିତ ଗଭୀର ଶୋକ ପ୍ରକାଶ କରି ସ୍ୱର୍ଗତ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗ ଆମ ଦେଶ ଓ ପଶ୍ଚିମବଙ୍ଗ ଜଣେ ସଚ୍ଚୋଟ, ନିଷ୍ଠାବାନ, ଅଭିଜ୍ଞ ତଥା ଶ୍ରମିକ, କୃଷକ ଓ ଜନ ସାଧାରଣଙ୍କ ପ୍ରିୟ ସାମ୍ୟବାଦୀ ନେତାଙ୍କୁ ହରାଇଛି ।

# ଜାତୀୟ ତମାଖୁ ନିୟନ୍ତ୍ରଣ ଆଇନ ଶୃଙ୍ଖଳା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୮/୮ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନ ଶୃଙ୍ଖଳା ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଡ୍ରଗ୍ କଣ୍ଟ୍ରୋଲ୍ ୟୁନିଟ୍, ମୟୂରଭଞ୍ଜ ମଣ୍ଡଳର ମିଳିତ ଆନୁକୂଲ୍ୟରେ ଏହି ଶିବିରରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଭୟ କୁମାର ଦାଶ ଏବଂ ଆଇଏଏସ ଶିକ୍ଷାନବୀଶ, ଆଶନି ଏଏଲ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ,'ତମାଖୁ ଏବଂ ଗୁଟଖା ଆଜିକାଲି ସମାଜରେ ବିରାଟ କାୟା ବିସ୍ତାର କରିଛି। ଦୁର୍ଗମ ଗାଁ ଗହଳି ଠାରୁ ଆରଂଭ କରି ସହରରେ ମଧ ଏହି ନିଶାର ଶିକାର ସମସ୍ତେ ହେଉଛନ୍ତି... ଛୋଟ ଛୁଆ ମଧ ଏହି ନିଶା ଦ୍ରବ୍ୟର ପ୍ରଭାବରେ କବଳିତ। ଆମ ଜିଲ୍ଲାରେ ମଧ ଏହାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି କିନ୍ତୁ ପ୍ରଭାବିତ ମାନେ ଏହାର ଉଚିତ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ଏବଂ କ୍ୟାନ୍ସର ଭଳି କଷ୍ଟସାଧ ରୋଗ ଦାଉରୁ ବଂଚିତ ରହିବ ଆବଶ୍ୟକ।' ଏହି ଶିବିରରେ ମୟୂରଭଞ୍ଜ ମଣ୍ଡଳ ଡ୍ରଗ କଣ୍ଟ୍ରୋଲର, ଶ୍ରୀ ରୁଦ୍ର ନାରାୟଣ ସାହୁ ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଅବକାରୀ ଅଧିକାରୀ ମାନଙ୍କୁ ଏହି ତମାଖୁ ନିୟନ୍ତ୍ରଣ ପ୍ରାଧିକରଣ ଆଇନ ଶୃଙ୍ଖଳା ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ଜ୍ଞାନେନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ଜିଲ୍ଲାରେ ହୋଇଥିବା ଡ୍ରଗ ସଚେତନତା ଅଭିଯାନ ବିଷୟରେ ଆଲୋକପାତ କରା ଯାଇଥିଲା। ସୂଚାନନ ଅନୁସାରେ, ଏହି ଅଭିଯାନ ୧୭୮ଟି ହାଇସ୍କୁଲ , ୧୨ଟି କଲେଜରେ ହୋଇ ଆସୁଛି ଏବଂ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯାନ ଚଳାଇବା ପାଇଁ ଉଦ୍ୟମ ଜାରି ରହିଛି । ଏହି ଅଭିଯାନରେ ୫୪୬ ଜଣ ଶିକ୍ଷକ ପ୍ରଶିକ୍ଷିତ ହୋଇଥିବା ବେଳେ ସଂକ୍ରମଣ କର୍କଟ କୋଷ କେନ୍ଦ୍ରରେ ୧୦୯୮୩ ଜଣଙ୍କୁ ପରାମର୍ଶ ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି, ଫଳ ସ୍ୱରୂପ ୨୭୪୨ ଜଣ ସମ୍ପୂର୍ଣ୍ଣ ରୂପେ ତମାଖୁ ସେବନ ଠାରୁ ଦୁରେଇ ଯାଇଛନ୍ତି। ଏହି ଅଭିଯାନକୁ ସଫଳ କରିବା ପାଇଁ ଗଣମାଧ୍ୟମ ଏବଂ ଲୋକ ସମ୍ପର୍କର ବିଶେଷ ଆବଶ୍ୟକତା ଅଛି ବୋଲି ଡଃ ମହାନ୍ତି କହିଥିଲେ। ଏହି ଶିବିରରେ ଜିଲ୍ଲାର ସମସ୍ତ ଅବକାରୀ ଅଧିକାରୀ, ଜିଲ୍ଲା ଶିକ୍ଷା ବିଭାଗୀୟ ଅଧିକାରୀ, ବିଭିନ୍ନ ତମାଖୁ ବର୍ଜନ ସ୍ୱେଚ୍ଛାସେବି ସଂଗଠନ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାର ସୂଚନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ପୁରୁଷ ହକିରେ ...

କିନ୍ତୁ ଏହି କ୍ୱାର୍ଟରରେ କେହି କାହାକୁ ଗୋଲ ଦେଇ ପାରି ନଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆକ୍ରମଣ କରିଥିଲେ ହେଁ ୧୮ତମ ମିନିଟରେ ତ୍ରୁଟି କରିଥିଲେ। ଡି' ଭିତରେ ମନଦୀପ ସିଂହ ଫାଉଲ କରିବାରୁ ସ୍ପେନକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ମାର୍କ ମିରାଲ୍ଲେସ ଗୋଲରେ ପରିଣତ ସ୍ପେନକୁ ୧-୦ ଆଗୁଆ କରିଦେଇଥିଲେ। ଭାରତ ସ୍ଥିତି ବରବାର କରିବାକୁ ଚେଷ୍ଟା କରିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟରର ଶେଷ ମିନିଟ ଯାଏ ସଫଳତା ମିଳି ନଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟର ସରିବାକୁ ଆଉ କିଛି ସେକେଣ୍ଡ ଥିବା ବେଳେ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଏହାକୁ ଅଧିନାୟକ ହରମନପ୍ରୀତ ସିଂହ ଗୋଲରେ ପରିଣତ କରି ହାଫ ଟାଇମ ପୂର୍ବରୁ ସ୍ଥିତି ୧-୧ କରି ଦେଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ଭାରତକୁ ଆଉ ଏକ ପିସି ମିଳି ଥିଲା। ୩୩ତମ ମିନିଟରେ ହରମନପ୍ରୀତ ଉକ୍ତ ପିସିକୁ ଗୋଲରେ ପରିଣତ କରି ଭାରତକୁ ୨-୧ରେ ଆଗୁଆ କରି ଦେଇଥିଲା। କିଛି ସମୟ ପରେ ହରମନକୁ ହ୍ୟାଟ୍ରିକ ଗୋଲ କରିବାର ସୁଯୋଗ ମିଳିଥିଲା। କିନ୍ତୁ ହରମନପ୍ରୀତ ସିଂହ ଏକାଧିକ ପିସିକୁ ହାତଛଡ଼ା କରିଥିଲେ। ତୃତୀୟ କ୍ୱାର୍ଟର ସୁଦ୍ଧା ସ୍ଥିତି ଭାରତ ସପକ୍ଷରେ ୨-୧ରେ ରହିଥିଲା। ୪ର୍ଥ କ୍ୱାର୍ଟରରେ ଭାରତ ଉପରେ ସ୍ପେନ ଘନଘନ ଆକ୍ରମଣ କରିଥିଲା। ଭାରତ ଅଧିକ ଡିଫେନ୍ସ କରିବାକୁ ଚେଷ୍ଟା କରିଥିଲା। ମ୍ୟାଚ୍ ସରିବାକୁ ୩ ମିନିଟ ବାକି ଥିବା ବେଳେ ସ୍ପେନ ତା'ର ଗୋଲକିପରଙ୍କୁ ହଟାଇ ଦେଇଥିଲା। ଏଥିସହ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ହେଲେ ଭାରତୀୟ ଡିଫେନ୍ସ ଏହାକୁ ଅଟାଇକାଇବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍ ସରିବାକୁ ୧ ମିନିଟ ୨୪ ସେକେଣ୍ଡ ଥିବା ବେଳେ ସ୍ପେନକୁ ପିସି ମିଳିଥିଲା। ପ୍ରଥମ ପ୍ରୟାସକୁ ଅମିତ ରୋହିଦାସ ଅଟକାଇ ଦେଇଥିଲେ। ତଥାପି ସ୍ପେନକୁ ପୁଣି ପିସି ମିଳିଥିଲା। ଏହାକୁ ପିଆର ଶ୍ରୀଜେଶ ଅଟକାଇଥିଲେ ହେଁ ସ୍ପେନ ରିଭ୍ୟୁ ନେଇଥିଲା। ହେଲେ ରିଭ୍ୟୁ ନାଖଜ ହୋଇଯାଇଥିଲା। ମ୍ୟାଚ ସରିବାକୁ ୪୪ ସେକେଣ୍ଡ ଥିବା ବେଳେ ସ୍ପେନକୁ ପୁଣି ଗୋଟିଏ ପିସି ମିଳିଥିଲା। ହେଲେ ଏହାକୁ ଅମିତ ଓ ଶ୍ରୀଜେଶ ଅଟକାଇ ଦେଇଥିଲା। ଏଥିସହ ଭାରତ ମଧ୍ୟ ବ୍ରୋଞ୍ଜ ପଦକ ହାତେଇବାକୁ ସକ୍ଷମ ହୋଇଥିଲା।

### ନାଫେଡ୍ ଯୋଗାଇବ ...

ଏହି ଆଳୁ ଉପଲବ୍ଧ ହେବ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ନାଫେଡ୍ ମାଧ୍ୟମରେ ସରକାର ଆଳୁ କିଣି ଖାଉଟିଙ୍କୁ ସୁଲଭ ଦରରେ ଯୋଗାଇବେ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ସରକାରୀ ଖୁଚୁରା ଦେକାନଗୁଡ଼ିକରେ ଏହି ଆଳୁ ଉପଲବ୍ଧ ହେବ । ଏହି ଆଳୁ ନିର୍ଦ୍ଧାରିତ ଦରରେ ବିକ୍ରି ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଆଜି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସମାଧାନର ପ୍ରତିଶ୍ରୁତି ସତ୍ତ୍ୱେ ଗତ ଏକ ସପ୍ତାହ ଧରି ରାଜ୍ୟରେ ଆଳୁ ସଙ୍କଟ ଲାଗି ରହିଛି ।

### ମହାପ୍ରଭୁଙ୍କ ମୂଲ୍ୟବାନ...

ହାତିଆ, ଦକ୍ଷିଣଘର ଓ ଗୋଲାପୁଟ ଆଦି ସ୍ଥାନରେ ଖଣି ଲିଜ ପାଇଥିବା ଆହୁରି ୧୮ଜଣ ଲିଜଧାରୀଙ୍କୁ ନୋଟିସ୍ ହୋଇଛି। ବେଆଇନ ଖନନ ସ୍ଥଳରେ ଡ୍ରୋନ ମାଧ୍ୟମରେ ଆକଳନ କରାଯାଇ ଜରିମାନା ନୋଟିସ୍ ହୋଇଥିବା କହିଛନ୍ତି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା। ସେପଟେ ଶ୍ରୀମନ୍ଦିର ପ୍ରଶାସନର ନୋଟିସ୍ ପାଇ ପୁରୀ ଆସିଥିଲେ ଖଣି ଲିଜଧାରୀ ଦେବେନ୍ଦ୍ର ଜେନା। ବେଆଇନ ଖନନକୁ ସେ ସିଧାସଳଖ ଖଣ୍ଡନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ନାଁରେ ଖୋର୍ଦ୍ଧା ଜିଲ୍ଲାର ବହୁ ସ୍ଥାନରେ ପଥର ଖାଦାନ ରହିଛି। ଯେଉଁଠୁ ଶ୍ରୀମନ୍ଦିର ପାଇଁ ମରାମତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ବ୍ୟବହାର ପାଇଁ ପଥର ଆସିଥାଏ। ବାକି ଅନ୍ୟ ଖଣି ଲିଜ ଆକାରରେ ଦିଆଯାଇ ସେ ବାବଦରେ ରୟାଲିଟି ଅର୍ଥ ପ୍ରଶାସନ ପାଖକୁ ଆସିଥାଏ। ସେସବୁ ଖଣିରୁ କେତେ ପରିମାଣର ଖନନ ହେବ ତାହା ମଧ ଚୁକ୍ତିପତ୍ରରେ ଉଲ୍ଲେଖ ଥାଏ। ହେଲେ ଲିଜଧାରୀ ସେ ନିୟମକୁ ଫୁ' କରି ମନଇଚ୍ଛା ଖଣି ଖୋଳି କୋଟି କୋଟି ଟଙ୍କା ଲାଭବାନ ହେଉଥିବାର ସଂଗୀନ ଅଭିଯୋଗ ଆସିବା ପରେ ସେମାନଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ୧୭ଟି ନିର୍ମାଣ ପଥର ଖଣି ଓ ୨ଟି ମାଙ୍କଡ଼ା ପଥର ଖଣି ଲିଜଧାରୀଙ୍କୁ ଓଡ଼ିଶା ଲଘୁ ଖଣିଜ ଆଇନ୍-୨୦୧୬ ଆଧାରରେ ଜରିମାନା ଦାଖଲ ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ତେବେ କେମିତି ଠାକୁରଙ୍କ ସଂପତ୍ତି ଜାଣି ବି କୋରି ଖାଇଗଲେ ଖଣି ମାଫିଆ ? ଶ୍ରୀମନ୍ଦିର ପ୍ରଶାସନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏକଥା ଜାଣିଥିଲେ ନା ଜାଣି ଅଜଣା ଥିଲେ ? ଏପ୍ରଶ୍ନ କରିଛନ୍ତି ଆଇନଜୀବୀ ଓ ସେବାୟତ। ତା'ସହ ଅଭିଯୋଗ କରିଛନ୍ତି, ବର୍ଷ ବର୍ଷ ଧରି ଖଣି ଲିଜଧାରୀଙ୍କ ସହ ମଧୁଚନ୍ଦ୍ରିକା କରି ଏ ମହାଲୁଟରେ ସାମିଲ ଅଫିସରମାନଙ୍କୁ ଧରି ଆଗେ ଦଣ୍ଡିତ କରାଯାଉ। ସେପଟେ ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି, ବେଆଇନ ଖଣି ଖନନ ଅଭିଯୋଗ ଉପରେ ଉପ-ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିଲେ ଆକ୍ସନ ହେବ। ତେଣେ ଗତ ପରିଚାଳନା ମିଟିଂ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଥିଲେ, ଠାକୁରଙ୍କ ଖଣି ଚୋରି ରୋକିବାକୁ ରାଜ୍ୟ ସରକାର ନୂଆ ନିୟମ କରିଛନ୍ତି। ଏଣିକି ଖଣି ଓ ଇସ୍ପାତ ବିଭାଗ ଜଗନ୍ନାଥଙ୍କ ନାଁରେ ଥିବା ଖଣି ସବୁର ଦାୟିତ୍ୱ ନେବ।

### ନମ୍ବର ଟିପିଲେ....

ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଚାଉଳ ନେବା ପାଇଁ ଆସିଥିବା ଜଣେ ହିତାଧିକାରୀ କହିଛନ୍ତି, ଆଜି ମୁଁ ୩ ମାସର ୬୦ କେଜି ଚାଉଳ ଉଠାଇଲି। ମେଶିନ୍‌ରୁ ଚାଉଳ ନେଲି। ମେଶିନ୍ ବସିବା ଦ୍ୱାରା ବହୁ ସୁବିଧା ହେଲା। ଆଉ ଦୀର୍ଘ ସମୟ ଧରି ଛିଡ଼ା ହେବାକୁ ପଡ଼ିଲା ନାହିଁ। ହେଲେ ଜଣେ ଗାଇଡ୍ ନକଲେ ଚାଉଳ ଉଠାଇବା କଷ୍ଟ ହେବ। ମେଶିନ୍‌ରେ ପ୍ରଥମେ ରାସନ୍‌କାର୍ଡ ଆଇଡି ନମ୍ବର ଡାଏଲ୍ କରିବାକୁ ପଡ଼ିଲା। ନମ୍ବର ଡାଏଲ କରିବା ପରେ ହିତାଧିକାରୀଙ୍କ ପୂରା ତଥ୍ୟ ଆସୁଥିଲା। ସେହି ନାଁକୁ ଟଚ୍ କରିବା ପରେ ୨୦ କେଜି ଚାଉଳ ବାହାରିଲା। ଏମିତି ମୋତେ ୩ ଥର ଡାଏଲ କରି ୬୦ କେଜି ଚାଉଳ ନେଲି। ଏବେ ଭଲ ଅଛି, ଆଗକୁ କ'ଣ ହେବ କହିହେବ ନାହିଁ ବୋଲି ହିତାଧିକାରୀ ଜଣକ କହିଛନ୍ତି।

### ବାଂଲାଦେଶରୁ ଅନୁପ୍ରବେଶ ...

ଥାନାକୁ ସତର୍କ ରଖାଯାଇଛି। ପୁରୀରେ ମଧ ପୁଲିସ୍ ସଜାଗ ଅଛନ୍ତି ଅଛନ୍ତି ବୋଲି ଡିଜିପି ଷଡଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି, ସମୁଦ୍ର କୂଳିଆ ଥାନାକୁ ଅଧିକ ଲୋକ ବଳ ଦିଆଯାଇଛି। ନିୟମ ଅନୁସାରେ ସମୁଦ୍ରରେ ୫ ନଟିକାଲ୍ ମାଇଲ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯିବ। ପାଟ୍ରୋଲିଂ ପାଇଁ ସବୁ ସାମୁଦ୍ରିକ ଥାନା ପାଖରେ ବୋଟ୍ ରହିଛି। ଗୋଟିଏ ଅଧେ ଥାନାରେ ବୋଟ୍ ଥାଇନପାରେ। ତେବେ ସେହି ଅଞ୍ଚଳରେ ପାଖ ଥାନା ପୁଲିସ୍ ପାଟ୍ରୋଲିଂ କରିବ। ଏହାଛଡ଼ା ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଗୁଇନ୍ଦାକୁ ସକ୍ରିୟ କରାଯାଇଛି। ଯଦି କୌଣସି ବୁଟ୍ ଆସୁଛି, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ତା'ସହ କୋଷ୍ଟଗାର୍ଡ ଓ ନାଭାଲ୍ ମଧ ପାଟ୍ରୋଲିଂ କରୁଛି। ବର୍ତ୍ତମାନ ପୁଲିସ ସଜାଗ ରହିଛି। ଗୋଷ୍ଠୀଗତ ଗଣ୍ଡଗୋଳ ଯେପରି ନଘଟିବ, ସେଥିପ୍ରତି ମଧ ପୁଲିସ୍ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ପୁଲିସ୍ ଡିଜି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି। ସୂଚନାରୁ ପ୍ରକାଶ, ଓଡ଼ିଶାର ସମୁଦ୍ର କୂଳିଆ ଜିଲ୍ଲା ଗୁଡ଼ିକରେ ବହୁ ବାଂଲାଦେଶୀ ଘରଦ୍ୱାର କରି ରହି ଆସୁଛନ୍ତି। ସେମାନଙ୍କ ବଂଶଧରମାନେ ଏବେ ମଧ ବାଂଲାଦେଶରେ ରହୁଛନ୍ତି। ବର୍ତ୍ତମାନ ବାଂଲାଦେଶରେ ଅଶାନ୍ତର ବାତାବରଣ ଖେଳି ଯାଇଥିବାରୁ ସେମାନେ ସମୁଦ୍ର ପଥରେ ଓଡ଼ିଶା ଆସୁଥିବା ଚର୍ଚ୍ଚା ହେଉଛି। ଏଥିସହ ସେମାନଙ୍କ ସହିତ କିଛି ଆତଙ୍କବାଦୀ ମଧ ଆସୁଥିବା ଆଲୋଚନା ହେଉଛି। ଏପରି ଅନୁପ୍ରବେଶକୁ ରୋକିବା ପାଇଁ ସମୁଦ୍ର କୂଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

### ଲୋକସଭାରେ ଆଗତ ...

ବିରୋଧ କରୁଛନ୍ତି। ୱାକଫର ଭିତ୍ତିଭୂମି ଠିକ୍ ନଥିଲା। ଏହାକୁ ସ୍ଥିର କରାଯାଇଛି। ୱାକଫ୍ ବୋର୍ଡ ମାଫିଆମାନଙ୍କ କବଜାରେ ରହିଛି। ଏହି ଦେଶର କୌଣସି ଆଇନ ସମ୍ବିଧାନଠାରୁ ଉର୍ଦ୍ଧ୍ୱରେ ନାହିଁ। ଏହି ବିଲ୍ ରେ ଯାହା ବି ବ୍ୟବସ୍ଥା ରହିଛି, ଧାରା ୨୫ରୁ ୩୦ ପର୍ଯ୍ୟନ୍ତ କୌଣସି ଧାର୍ମିକ ଅନୁଷ୍ଠାନର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରାଯାଉନାହିଁ। ଏଥିରେ ସମ୍ବିଧାନର କୌଣସି ଧାରାର ଉଲ୍ଲଂଘନ କରାଯାଇନାହିଁ। ସେହିପରି ଜନତା ଦଳ (ୟୁନାଇଟେଡ୍) ଏହି ବିଲ୍ ଉପରେ ସରକାରଙ୍କୁ ସମର୍ଥନ କରିଛି। ଜେଡିୟୁ ସରକାରରେ ସାମିଲ ହୋଇଥିଲେ ମଧ ଅନେକ ପ୍ରସଙ୍ଗରେ ଏହାକୁ ବିରୋଧ କରାଯାଉଛି। କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ କହିଛନ୍ତି, ମୁସଲମାନମାନଙ୍କ ବିରୋଧରେ ଏହା କେମିତି ? ସ୍ୱଚ୍ଛତା ଆଣିବା ପାଇଁ ଏହି ଆଇନ ପ୍ରଣୟନ କରାଯାଉଛି। ବିରୋଧୀ ଏହାକୁ ମନ୍ଦିର ସହ ତୁଳନା କରିବା ଠିକ୍ ନୁହେଁ। ଏବେ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବାକୁ ପ୍ରସ୍ତାବ ଦିଆଯାଇଛି ବୋଲି କିରଣ ରିଜିଜୁ କହିଛନ୍ତି। ଏହା ଉପରେ ବାଚସ୍ପତି କହିଛନ୍ତି, ଖୁବ୍ ଶୀଘ୍ର କମିଟି ଗଠନ କରାଯିବ।

### ହିମାଚଳରେ ପୁଣି ...

କାର୍ଯ୍ୟରେ ଯେପରି ବିଳମ୍ବ ନହେବା ସେଥି ପାଇଁ ହିମାଚଳ ପ୍ରଦେଶକୁ ଏନଡିଆରଏଫ ଟିମ୍ ପଠାଯାଇଛି। ଗୁରୁବାର ସକାଳ ସୁଦ୍ଧା ୧୪ଟି ମୃତଦେହ ଉଦ୍ଧାର କରାଯାଇଥିବା ସେ କହିଛନ୍ତି। ପାଣିପାଗ ବିଭାଗର ସୂଚନା ମୁତାବକ, ଗତ ୨୪ ଘଣ୍ଟା ମଧ୍ୟରେ ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାର ଯୋଗୀନ୍ଦର ନଗରରେ ସର୍ବାଧିକ ୧୧୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଗକୁ ଆହୁରି ପ୍ରବଳ ବର୍ଷା ସମ୍ଭାବନା ଥିବା ଯୋଗୁ ବିଭିନ୍ନ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ବାଲେଶ୍ୱର ଜିଲ୍ଲା କମିଟି ଗଠିତ

ବାଲେଶ୍ୱର, ୮/୮ (ନି.ପ୍ର): ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଗଠନର ସଭାପତି ବିକାଶ କୁମାର ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ସଭାଗୃହରେ ଅନୁଷ୍ଠିତ ହୋଇଯାଇ ଅଛି ।ଏହି ସଭାରେ ସଙ୍ଗଠନକୁ କିପରି ଭାବେ ସଂଗଠିତ କରାଯିବ ଏବଂ ଚାଷୀ,ମୂଲିଆ,ଓ ଶ୍ରମିକଙ୍କ ସାମାଜିକ ସୁରକ୍ଷା ତଥା ସ୍ୱାର୍ଥ ରକ୍ଷା ପାଇଁ ସଂଗଠନ କିଭଳି ଭାବେ କାର୍ଯ୍ୟ କରିବ ସେ ନେଇ ବିସଦଭାବେରେ ଆଲୋଚନା ହୋଇଥିଲା ।ପ୍ରଥମେ ୨୦୨୧ ମସିହାରେ ହୋଇଥିବା ସଂଗଠନର ଜିଲ୍ଲା କମିଟିକୁ ସଂଗଠନର ରାଜ୍ୟ ସଭାପତି ଡ଼.ରାମଚନ୍ଦ୍ର ଖୁଣ୍ଟିଆ ଓ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ସତ୍ୟବ୍ରତ ନାୟକଙ୍କ ପରାମର୍ଶ କ୍ରମେ ଭାଙ୍ଗି ଦିଆଯାଇ ଥିଲା ।ଏବଂ ତତ୍କାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସହ ଆଲୋଚନା କରାଯାଇ ଏକ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା ।ପ୍ରଥମେ ବିକାଶ କୁମାର ଦାସ ଙ୍କୁ ସର୍ବସମ୍ମତି କ୍ରମେ ପୁଣିଥରେ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଦିଆଯିବାପରେ ଜୀବନ କୃଷ୍ଣ ବାରିକ ଙ୍କୁ ସାଧାରଣ ସମ୍ପାଦକ,ଓ ଗଣମାଧମ ସଂଯୋଜକ,ଅଜିତ କୁମାର ଦାସ ମହାପାତ୍ର ଙ୍କୁ କୋଷାଧ୍ୟକ୍ଷ,କୁମୁଦିନି ଦାସ ଙ୍କୁ ଉପସଭାପତି,ରଞ୍ଜନ କୁମାର ବେହେରା ଉପସଭାପତି,ସୁରେଶ କୁମାର ଜେନା ଉପସଭାପତି,ନିତ୍ୟାନନ୍ଦ ମିଶ୍ର ଉପସଭାପତି, ମାୟାଧର ବେହେରା ସମ୍ପାଦକ,ଜ୍ୟୋତିସ୍ମିତା ବେହେରା ସମ୍ପାଦକ,କଳ୍ପନା ତପସ୍ୱୀ ସମ୍ପାଦକ,ସୁମିତ୍ରା ତପସ୍ୱୀ ସମ୍ପାଦକ,ଅଭିନାଶ ରାଉଳ ସହସମ୍ପାଦକ,ରମେଶ ଚନ୍ଦ୍ର ଦାସ ସମ୍ପାଦକ,ରାମକୃଷ୍ଣ ପଣ୍ଡାୟତ ଆଇନ ପରାମର୍ଶ ଦାତା,ରବୀନ୍ଦ୍ର ପ୍ରତିହାରୀ,କାର୍ତ୍ତିକ ଚନ୍ଦ୍ର ଗିରି,ତପନ କୁମାର ଜେନା,ସୁଶାନ୍ତ କୁମାର ସାହୁ,ଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ସର୍ବସମ୍ମତି କ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।ଅନୁରୂପ ଭାବେ କୁମୁଦୁନି ଦାସ ଙ୍କୁ ରେମୁଣା,ସଦର,ବସ୍ତା ,ରଞ୍ଜନ କୁମାର ବେହେରା ଙ୍କୁ ସୋର,ଖଇରା,ସିମୁଳିଆ, ଔପଦା,ସୁରେଶ କୁମାର ଜେନା ଙ୍କୁ ନିଳଗିରି,ବାହାନଗା,ଜଳେଶ୍ୱର,ମାୟାଧର ବେହେରା ଙ୍କୁ ବାଲିଆପାଳ ଓ ଭୋଗରାଇ ବ୍ଲକ ରେ ବ୍ଲକ ସଭାପତି ଚୟନ କରି ଅଗଷ୍ଟ ୧୫ ରୁ ୧୮ ତାରିଖ ଭିତରେ ବ୍ଲକ ସଭାପତି ମାନଙ୍କ ନାଁ ଓ ଫୋନ ନଂ ଜିଲ୍ଲା କମିଟି ପାଖରେ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଶେଷରେ ଜୀବନ କୃଷ୍ଣ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକୁ ସାଙ୍ଗ କରାଯାଇଥିଲା ।

# ପଳପଳା ନଦୀରେ ୩ ଟି ଘାଇ: ଶହ ଶହ ଏକର ଚାଷ ଜମି ନଷ୍ଟ, ପ୍ରତିକାର ଦାବି କଲେ ବିଧାୟିକା



ବସ୍ତା , ୮/୮ (ନି.ପ୍ର): ଚଳିତ ବର୍ଷ ପଳପଳା ନଦୀର ପ୍ରଥମ ବନ୍ୟାରେ ବସ୍ତା ବ୍ଲକ ଅନ୍ତର୍ଗତ ଦରଡ଼ା ଏବଂ ମୁକୁଳିସି ପଞ୍ଚାୟତର ତିନୋଟି ସ୍ଥାନରେ ଘାଇ ହୋଇ ଶହଶହ ଏକର ଚାଷ ଜମି ନଷ୍ଟ ହୋଇଯାଇଛି ଓ ଏହି ଖବର ପାଇ ବସ୍ତା ବିଧାୟିକା ସୁବାସିନୀ ଜେନା ଗୁରୁବାର ଦିନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ସେହିସବୁ ଅଞ୍ଚଳ ପରିଦର୍ଶନ କରି ଜଳ ନିଷ୍କାସନ ଜନିତ ସମସ୍ୟା ବାବଦରେ ଆଲୋଚନା କରି କିଭଳି ଭାବରେ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ହୋଇପାରିବ ସେନେଇ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ପ୍ରକାଶ ଥାଉକି ପଳପଳା ନଦୀ ପୋତି ହୋଇଯାଇଥିବା ଏବଂ ଦୁର୍ବଳ ବନ୍ଧ କାରଣରୁ ଚଳିତ ବନ୍ୟାରେ ମୁକୁଳିସି ପଞ୍ଚାୟତର କୁଚୁଳି ଠାରେ ଦୁଇଟି ସ୍ଥାନରେ ଏବଂ ଦରଡା ପଞ୍ଚାୟତର ଗୋଟିଏ ସ୍ଥାନରେ ଘାଇ ହୋଇଯିବା ଫଳରେ ଦରଡ଼ା ପଞ୍ଚାୟତର ଏକଡ଼ାଳିଆ, ମନ୍ଦରଡା, ଦରଡ଼ା ଗ୍ରାମର ଏବଂ ମୁକୁଳିସି ପଞ୍ଚାୟତର କୁଚୁଳି, ବେନିମୁଳା, କୁସିଦା, କୋଠିଆ, ରେଣୁପଦା, ସୀତାପୁର, ଦୁନ୍ଦ, ମୁକୁଳିସି ଗ୍ରାମର ଶହ ଶହ ଏକର ଚାଷ ଜମି ନଷ୍ଟ ହୋଇଯାଇଛି ଓ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି ଓ ଜଳ ନିଷ୍କାସନର ସୁବିଧା ନଥିବାରୁ ଚାଷ ଜମିରେ ଜଳ ଜମାଟ ବାନ୍ଧି ରହିବାରୁ ହଜାର ହଜାର ଚାଷଜମିରେ କିଛି ଦିନ ପୂର୍ବରୁ ରୂଆ ହୋଇଥିବା ଧାନ ତଳି ସବୁ ପଚି ନଷ୍ଟ ହୋଇଯାଇଛି । ବସ୍ତା ବିଧାୟିକା ଶ୍ରୀମତୀ ଜେନାଙ୍କ ସହିତ ବାଲେଶ୍ୱର ଡ୍ରେନେଜ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସଂଜିତ କୁମାର ସାମଲ ଓ ସହକାରୀ ଯନ୍ତ୍ରୀ ହିମାଂଶୁ ମହାନ୍ତି ଉକ୍ତ ଅଞ୍ଚଳକୁ ପରିଦର୍ଶନ କରିବା ସହିତ ସ୍ଥାନୀୟ ଜନ ପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆଲୋଚନା କରିଥିଲେ ।

# ଭୟଭୀତ ରାମଚନ୍ଦ୍ରପୁର ଗ୍ରାମବାସି: ୯୦ ପ୍ରତିଶତ ଲୋକ କିଡ଼ନି ରୋଗରେ ଆକ୍ରାନ୍ତ



ଉଦଳା , ୮/୮ (ନି.ପ୍ର): ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ୯୦ ପ୍ରତିଶତ ଲୋକ କିଡ଼ନି ରୋଗରେ ଆକ୍ରାନ୍ତ ଥିବାର ଜଣାଯାଇଛି । କେବଳ ଗୋଟିଏ ଗ୍ରାମରେ ଏତେ ସଂଖ୍ୟାରେ ଲୋକ କାହିଁକି କିଡ଼ନି ରୋଗରେ ଆକ୍ରାନ୍ତ ହେଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେତେକ ଏଠାରେ ଥିବା ପାନୀୟ ଜଳର ଉତ୍ସ ଏଥିପାଇଁ ଦାୟି ବୋଲି କହୁଥିବା ବେଳେ ଆଉ କେତେକ ସାର ଓ ବିଷ ପ୍ରୟୋଗରୁ ଉତ୍ପାଦିତ ହେଉଥିବା ପନି ପରିବା ଓ ଶସ୍ୟ ଏଥିପାଇଁ ଦାୟି ବୋଲି କହୁଛନ୍ତି । ତେବେ ଏହାର କାରଣ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିନଥିବା ବେଳେ ଗ୍ରାମବାସୀ ମାନେ ଖୁବ୍ ଭୟଭିତ ଅବସ୍ଥାରେ ଅଛନ୍ତି । ଏପରିକି ବର୍ତ୍ତମାନ ଅନ୍ୟ ଅଂଚଳରୁ ଏହି ଗ୍ରାମକୁ ଲୋକେ ଆସିବାକୁ ଚାହୁଁ ନାହାଁନ୍ତି । ସେହିପରି ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଲୋକେ ଯେଉଁ ଔଷଧ ସେବନ କରୁଛନ୍ତି ଏହା ମାଗଣାରେ ମିଳୁ ନାହିଁ । ଏଥିପାଇଁ ରୋଗୀଙ୍କୁ ମାସିକ ୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଫଳରେ ଗରିବ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# କୁସ୍ତିରୁ ନେଲେ ସନ୍ନ୍ୟାସ ଭିନେଶ ଫୋଗାଟ

ନୂଆଦିଲ୍ଲୀ, ୮/୮ : ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗାଟ ପ୍ୟାରିସ ଅଲମ୍ପିକରେ କଷ୍ଟଦାୟକ ଅନୁଭବ ପରେ କୁସ୍ତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି, ଯାହାପରେ ଫାଇନାଲରେ ପହଂଚିବା ପରେ ତାଙ୍କୁ ଟୁର୍ଣ୍ଣାମେଂଟରୁ ଅଯୋଗ୍ୟ ଘୋଷଣା କରିଦିଆଯାଇଛି । ଭିନେଶ ଦ୍ୱିତୀୟ ବେଟ-ଇନ ସମୟରେ ଓଜନ ମାପରେ ବିଫଳ ହୋଇଥିଲେ ଏବଂ ତାଙ୍କୁ ଟୁର୍ଣ୍ଣାମେଂଟରୁ ଅଯୋଗ୍ୟ ଘୋଷଣା କରିଦିଆଯାଇଥିଲା, ଯାହା ଦ୍ୱାରା ତାଙ୍କ ପଦକ ଆଶା ମଉଳିଯାଇଥିଲା । ୨୯ ବର୍ଷୀୟ ଭିନେଶ କୁସ୍ତିରେ ଅଲମ୍ପିକ ଫାଇନାଲରେ ପହଂଚିଥିବା ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଥିଲେ । ଭାରତ ପାଇଁ ଅଲମ୍ପିକ ପଦକ ଜିତିଥିବା ଏକ ମାତ୍ର ଅନ୍ୟ ମହିଳା କୁସ୍ତିଯୋଦ୍ଧା ସାକ୍ଷୀ ମଲ୍ଲିକ ରିୟୋ ୨୦୧୬ରେ କାଂସ୍ୟ ପଦକ ଜିତିଥିଲେ । ଗୁରୁବାର ଭୋରରେ ସୋସିଆଲ ମିଡିଆରେ ଭିନେଶ ନିଜ ଆକାଉଂଟରେ ଲେଖିଛନ୍ତି ମୁଁଆ କୁସ୍ତି, ତୁମେ ମୋତେ ହରାଇଦେଲେ । ମୋତେ କ୍ଷମା କର । ମୋର ସ୍ୱପ୍ନ ଭାଙ୍ଗିଯାଇଛି । ମୋର ସାହସ ଭାଙ୍ଗିଯାଇଛି । ଏବେ ମୋ ଠାରେ ଆଉ ଶକ୍ତି ନାହିଁ । ଅଲବିଦା କୁସ୍ତି । ତୁମ ପାଖରେ ମୁଁ ସର୍ବଦା ଋଣୀ ରହିବି । କ୍ଷମା କରିବେ ।

# ବିଜୁଜନତା ଦଳ ପକ୍ଷରୁ ବିଶାଳ ରକ୍ତଦାନ ଶିବିର: ୧୩୬ ୟୁନିଟ ରକ୍ତ ସଂଗ୍ରହ



ନୀଳଗିରି , ୮/୮ (ନି.ପ୍ର): ଅତ୍ୟାଚାରୀ ଇଂରେଜ ମାନଙ୍କୁ ୧୯୪୨ ମସିହା ଅଗଷ୍ଟ ୮ତାରିଖରେ ଭାରତଛାଡ ଆନ୍ଦୋଳନ ମାଧ୍ୟମରେ ବିତାଡିତ କରିବାର ଏକ ଦୁର୍ବାର ମୁହୂର୍ତ୍ତକୁ ଉଦ୍ଜୀବିତ କରିବାକୁ ପ୍ରତିବର୍ଷ ଅଗଷ୍ଟ ୮ତାରିଖରେ ଅଗଷ୍ଟ କ୍ରାନ୍ତି ଦିବସପାଳିତ ହୋଇ ଆସୁଛି । ଏହି ଉପଲକ୍ଷେ ନୀଳଗିରି ବିଜୁଜନତା ଦଳ ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ପାର୍ଟି କାର୍ଯ୍ୟାଳୟ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କ୍ରାନ୍ତି ଦିବସ ଉପଲକ୍ଷେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୩୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ କୁମାର ପରିଡ଼ା, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଉଦୟ ଜ୍ୟୋତି ମହାନ୍ତି, ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ,ଯୁବନେତା ଉପେନ୍ଦ୍ର ଦାସ, କୁଳମଣି ନାୟକ, ରାଜିବ କୁମାର ଦାଶବାବୁ ,ଶରତ ଦାସ, ଭାଗବତ ଖିଲାର, ରବିନ୍ଦ୍ର କୁମାର ପରିଡା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ଦେଖାଯାଇଛି । ଏହି ବିଶାଳ ରକ୍ତଦାତା ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା ଏବଂ ବାଲେଶ୍ୱର ଓ ନୀଳଗିରି ଚିକିତ୍ସାଳୟରୁ ଆସି ରକ୍ତ ସଂଗ୍ରହ କରିଥିବା ସମସ୍ତ ଟେକ୍ନିସିଆନ କର୍ମଚାରୀ ମାନଙ୍କୁ ଦଳ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା



ଭଦ୍ରକ, ୮/୮ (ନି.ପ୍ର): ଆଗାମୀ ସ୍ୱାଧୀନତା ଦିବସ - ୨୦୨୪ ପାଳନ ଉପଲକ୍ଷେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ପୌରାଞ୍ଚଳ ଏବଂ ସମସ୍ତ ବ୍ଲକରୁ କନିଷ୍ଠ ବିଭାଗରେ ୩୧ ଓ ବରିଷ୍ଠ ବିଭାଗରେ ୩୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆର୍ଟ କଲେଜର ବରିଷ୍ଠ ଅଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା, ନାରଣ ଚନ୍ଦ୍ର ବେହେରା ଓ ପ୍ରାକ୍ତନ ଅଧ୍ୟାପକ ଜୟନ୍ତ କୁମାର ନାୟକ ପ୍ରମୁଖ ବିଚାରକ ଭାବେ ଏହି ପ୍ରତିଯୋଗିତାରେ ଚିତ୍ରାଙ୍କନର ମୂଲ୍ୟାଙ୍କନ କରିଥିଲେ । କନିଷ୍ଠ ବିଭାଗରେ ଡି.ଏ.ଭି ଏସ୍.ଡି.ପି.ଏସ୍. ପବ୍ଲିକ୍ ସ୍କୁଲର ଇପ୍‌ସିତା ଦାସ ୧ମ, ସେଣ୍ଟ୍ ଜାଭିୟର ସ୍କୁଲର ଦୀକ୍ଷାସ୍ମିତା ସାମନ୍ତରାୟ ୨ୟ, ସେଣ୍ଟ୍ ଜାଭିୟର ହାଇସ୍କୁଲ, ଚରମ୍ପାର ଦେବକାନ୍ତ ବେହେରା ଏବଂ ମିଶନ୍ ପବ୍ଲିକ୍ ସ୍କୁଲର ଆରାଧ୍ୟା ଦାଶ, ଯୁଗ୍ମ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ । ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରତିଯୋଗିତା ଆୟୋଜନରେ ଓକିଲ ଗୌରହରି ନାୟକ ଓ ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ ଆନୁସଂଗିକ ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୭୮.୫୫ ଡଲାର

ନୂଆଦିଲ୍ଲୀ, ୮/୮ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଅପରିବର୍ତ୍ତିତ ରହିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୭୮.୫୫ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୫.୫୪ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୭.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୩.୪୪ଟଙ୍କା ଥିବା ବେଳେ ଡିଜେଲ ୮୯.୯୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୪.୯୫ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୧.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୨.୩୪ଟଙ୍କା ରହିଛି ।

# ବାଲେଶ୍ୱରରେ ବିଜେପି ଉତ୍ତର ଓଡ଼ିଶା କ୍ଷେତ୍ରୀୟ ବୈଠକ




ବାଲେଶ୍ୱର, ୮/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆଜି ବାଲେଶ୍ୱର ଜିଲା ମୁଖ୍ୟ କାର୍ଯ୍ୟାଳୟରେ ବିଜେପି ଉତ୍ତର ଓଡ଼ିଶା କ୍ଷେତ୍ରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଉତ୍ତର ଓଡ଼ିଶାର ପାଞ୍ଚଟି ସାଂଗଠନିକ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ରାଇରଙ୍ଗପୁର ଓ ବାରିପଦାର ଆଗାମୀ ଦଳିୟ କାର୍ଯ୍ୟସୂଚୀ ବିଷୟରେ ଯୋଜନା ପ୍ରସ୍ତୁତ ହୋଇଥିଲା । ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ ମହୋଦୟ ୧- ତ୍ରିରଙ୍ଗା ଯାତ୍ରା, ୨- ବିଭାଜନର ବିଭିସିକା, ୩- ହର-ଘର ତ୍ରିରଙ୍ଗା, ୪- ବୁଥ୍ ସ୍ତରୀୟ ଜାତୀୟ ପତକା ଉତ୍ତୋଳନ, ୫- ରକ୍ଷାବନ୍ଧନ, ୬- ପ୍ରଧାନମନ୍ତ୍ରୀଙ୍କ ମନ-କି-ବାତ୍ ଓ ୭- ସ୍ୱଚ୍ଛ ଭାରତ ଅଭିଯାନ ଉପରେ କର୍ମ ସୂଚୀ ପ୍ରସ୍ତୁତ କରି ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ଦାଇତ୍ୱ ଅର୍ପଣ କରିଥିଲେ । ଉତ୍ତର ଓଡ଼ିଶା କ୍ଲଷ୍ଟର ଦାୟିତ୍ୱରେ ଥିବା ରାଜ୍ୟ ଉପସଭାପତି ବିରଞ୍ଚିନାରାୟଣ ତ୍ରିପାଠୀ ସାଂଗଠନିକ ସ୍ଥିତି ଅନୁଧାନ କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କାର୍ଯ୍ୟକ୍ରମର ରୂପରେଖ ବିଷୟରେ କହିଥିଲେ । ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ବ୍ୟକ୍ତବ୍ୟରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ କରି କହିଥିଲେ ଏବେ ଆମ୍ଭମାନଙ୍କର ଦାଇତ୍ୱ ଦଶଗୁଣ ବଢିଯାଇଛି । ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୁରଣ କରିବା ପାଇଁ ଆମ ସମସ୍ତଙ୍କୁ ଅଧିକରୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ । ଶାସକ ଦଳର ଉପ ମୁଖ୍ୟସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଭଦ୍ରକ ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, କେନ୍ଦୁଝର ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ, ବାରିପଦା ଜିଲ୍ଲା ସଭାପତି କାନ୍ଦରା ସୋରେନ, ବାଲେଶ୍ୱର ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ମଞ୍ଚାସୀନ ଥିଲେ । ଉକ୍ତ ପାଞ୍ଚଟି ଜିଲ୍ଲାର ସାଂଗଠନିକ ଦାୟିତ୍ୱରେ ଥିବା ସମସ୍ତ ପଦାଧିକାରୀ ବୈଠକରେ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ନଦୀ ବନ୍ଧ ମୁକୁଳା: କୁମ୍ଭ ନିଦ୍ରାରେ ଜଳସେଚନ ବିଭାଗ



ବାଲିଆପାଳ/ଲଙ୍ଗଳେଶ୍ୱର, ୮/୮ (ନି.ପ୍ର): ଜଳ ସେଚନ ବିଭାଗର ଅବହେଳାରୁ ସୁବର୍ଣ୍ଣ ରେଖା ନଦୀ କଡେ କଡେ ଥିବା ମାଟି ବନ୍ଧ ମରାମତି ହୋଇ ନାହିଁ । ମରାମତି ଅଭାବରୁ ମୁକୁଳା ପଡିଛି । ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ ଜଳ ସେଚନ ବିଭାଗ ଭଙ୍ଗା ନଦୀ ବନ୍ଧକୁ ମରାମତି କରିଥାନ୍ତି । ମାତ୍ର ଚଳିତ ବର୍ଷ ୫ ଟି ଆଳ ଦେଖାଇ ବିଭାଗ କୌଣସି ମରାମତି କାମ କରି ନାହିଁ ।ଝଲ ଝଲିଆରୁ ପାଳପଡା, ପାଳପଡ଼ା ରୁ ସୁବର୍ଣ୍ଣ ରେଖା ସେତୁ, ସୁବର୍ଣ୍ଣ ରେଖା ସେତୁ ଠାରୁ ବଡାପାଳ ସର୍ଦ୍ଦାର ସାହି, ସର୍ଦ୍ଦାର ସାହିରୁ କୁଦମାନସିଂ, କୁଦ ମାନସିଂରୁ ଜାମକୁଣ୍ଡା ଆମ୍ବଚୁଆ, ଆମ୍ବଚୁଆରୁ କଙ୍କଡାପାଳ ଆଦି ନଦୀ ବନ୍ଧ ଏବେ ମରାମତି ଅଭାବରୁ ମୁକୁଳା ପଡିଛି । ଏବେ ବର୍ଷା ଋତୁ ଆରମ୍ଭ ହୋଇ ଯାଇଛି । ସୁବର୍ଣ୍ଣ ରେଖା ନଦୀର ଉପର ମୁଣ୍ଡରେ ବର୍ଷା ହେଲେ ନଦୀରେ ବନ୍ୟା ଆସେ । ବନ୍ୟା ଆସିଲେ ବନ୍ୟା ଜଳ କୂଳ ଲଙ୍ଘିବା ସମ୍ଭାବନା ରହିଛି । ଏବେ ମଧ୍ୟ ସୁବର୍ଣ୍ଣ ରେଖା ନଦୀରେ ଜଳ ସ୍ତର ସାମାନ୍ୟ ଅଧିକ ରହିଛି । ଅନ୍ୟ ପକ୍ଷରେ ବନ୍ଧ ମୁକୁଳା ପଡି ଥିବାରୁ ତଟ ବାସୀଙ୍କ ଆଖିରେ ନିଦ ନାହିଁ । କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା, ଡଗରା, ଚୌମୁଖ ଆଦି ପଞ୍ଚାୟତର ହଜାର ହଜାର ଲୋକ ବନ୍ୟା ଆସିଲେ ପ୍ରଭାବିତ ହୋଇ ଥାନ୍ତି । ବନ୍ୟା ଲୋକଙ୍କ ସର୍ବସ୍ୱ ଉଜାଡି ଦିଏ । ଲୋକଙ୍କ ଚାଷ ଓ ବାସ ନଦୀ ଗର୍ଭକୁ ଚାଲିଯାଏ । ଦିନ ଦିନ ଲୋକେ ଉଦବାସ୍ତୁ ହୋଇ ଅନ୍ୟତ୍ର ରହନ୍ତି । ସେଥିପାଇଁ ସୁବର୍ଣ୍ଣ ରେଖା ନଦୀକୁ ଏ ଅଂଚଳର ଦୁଃଖ ବୋଲି କୁହାଯାଏ । ଗତ ତିନି ବର୍ଷ ତଳେ ପାଳପଡା ଓ ଆମ୍ବଚୁଆ ଠାରେ ଜଳ ସେଚନ ବିଭାଗର ଅବହେଳାରୁ ଦୁଇ ବନ୍ଧ ଭାଙ୍ଗି ଯାଇଥିଲା । ଫଳରେ ବହୁ ଧନ ଜୀବନର ହାନୀ ଘଟିଥିଲା । ଜଳ ସେଚନ ବିଭାଗ ଯୁଦ୍ଧ କାଳୀନ ଭିତ୍ତିରେ ମୁକୁଳା ବନ୍ଧ ବାଡ଼ର ମରାମତି କରିବାକୁ ହରି ନାରାୟଣ ସାହୁ, ଗଗନ କୁମାର ଗିରି, ମୁକୁନ୍ଦ ପ୍ରସାଦ ଦାସ, ଘନ ଶ୍ୟାମ ବେହେରା, ପ୍ରେମା ନନ୍ଦ ପରିଡା, ଦର୍ଶନ କୁମାର ଜେନା, ସପନ କୁମାର ଗିରି, ଜନାର୍ଦ୍ଦନ ପତି ପ୍ରମୁଖ ଦୃଢ଼ ଦାବି କରିଛନ୍ତି । ତେବେ ଏ ନେଇ ଜଳସେଚନ ବିଭାଗ ଯନ୍ତ୍ରୀ ଙ୍କ ସହ ଯୋଗା ଯୋଗ କରିବାରୁ ଏଥି ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ଆଠଗଡ଼ ବିଡିଓଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୮/୮ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗତକାଲି ପ୍ରଦୀପଙ୍କ ପୈତୃକ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼ ଓ ଆଠଗଡ଼ ସମେତ ଏକକାଳୀନ ୮ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ରେଡ୍ କରିଥିଲା । ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ପ୍ରଦୀପଙ୍କ ଭୁବନେଶ୍ୱର ଗୌତମନଗରସ୍ଥିତ ଶ୍ରୀ ଏନକ୍ଲେଭ୍ ଆପାର୍ଟମେଂଟ ଦ୍ୱିତୀୟ ମହଲାରେ ଥିବା ଘର, ଖୋର୍ଦ୍ଧା ଭଲିଆବାଡ଼ିରେ ଥିବା ବିଲ୍ଡିଂ, ରାଜସୁନାଖଳାରେ ଥିବା ୩ ମହଲା କୋଠା,ରାଜ ସୁନାଖଳାରେ ଥିବା ପୈତୃକ ଘର, ଖୋର୍ଦ୍ଧା ପିଚୁକୁଳିରେ ଥିବା ସମ୍ପର୍କୀୟଙ୍କ ଘର, ଆଠଗଡ଼ରେ ଥିବା ଅଫିସ ଓ କ୍ୱାର୍ଟସରେ ରେଡ୍ କରାଯାଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078**

❐ Managing & Executive Editor : Srustidhar Parida
❐ Editor: Sairindhree Sahoo